## ସୋସୋ ଥାନା ଅଞ୍ଚଳରେ ଯାଞ୍ଚ କଡ଼ାକଡ଼ି



ହାଟଡ଼ିହୀ,୮।୫(ସମିସ): ମଦ୍ୟପଚାଳକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଅନେକ ଅମାନିଆ ବାଇକ୍ ଚାଳକ ବିନା ହେଲମେଟରେ ଏବଂ ଅନେକ ୩/୪ଚକିଆ ଚାଳକ ଅମାନିଆ ଢଙ୍ଗରେ ଯା'ଆସ କରୁଥିବାରୁ ସେମାନଙ୍କୁ ସାବାଡ଼ କରିବା ପାଇଁ ପୁଲିସ ପ୍ରଶାସନ ତତ୍ପରତା ଦେଖାଇଛି। ଆଜି ପୂର୍ବାହ୍ନ ସମୟରେ ଆମ୍ବଗଡିଆ ଛକଠାରେ ସୋସୋ ଥାନା ଏଏସଆଇ ନୃସିଂହ ତନ୍ତିଙ୍କ ନେତୃତ୍ୱରେ ୨ଚକିଆ ଏବଂ ୪ଚକିଆ ଗାଡ଼ି ଚାଳକଙ୍କୁ ଅଟକାଇ ମଦ ଯାଞ୍ଚ ମେସିନ୍ ଦ୍ୱାରା କଡ଼ା ଯାଞ୍ଚ କରାଯାଇଛି। ଯାଞ୍ଚ ସମ୍ପର୍କରେ ଏଏସଆଇ ଶ୍ରୀ ତନ୍ତିଙ୍କୁ ପଚାରିବାରୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଥିବାରୁ ଏହି ପ୍ରକ୍ରିୟା କ୍ରମାଗତ ଭାବେ ଚାଲୁରହିବ ବୋଲି ସେ କହିଛନ୍ତି। ତେବେ, ସୋସୋ ପୁଲିସ ପକ୍ଷରୁ ଏଭଳି କଡାକଡ଼ି ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏନେଇ ଆନନ୍ଦପୁର ଏସଡ଼ିପିଓ ଓ ସୋସୋ ଆଇଆଇଆସିଙ୍କୁ ସ୍ଥାନୀୟ ଲୋକେ ପ୍ରଶଂସା କରାଯାଇଛି।

## ଶୁଭେନ୍ଦୁଙ୍କ ଶପଥ ଗ୍ରହଣରେ ଯଜ୍ଞଙ୍କୁ ନିମନ୍ତ୍ରଣ



ଆନନ୍ଦପୁର, ୮।୫ (ସମିସ): ପଶ୍ଚିମବଙ୍ଗରେ ନୂତନ ସରକାର ଗଠନ ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ ପାଇଛନ୍ତି ଯଜ୍ଞପ୍ରସାଦ। ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ବିଧାୟକ ଦଳ ବୈଠକ ପରେ କେନ୍ଦ୍ର ଗୃହ ଓ ସହକାରିତା ମନ୍ତ୍ରୀ ଅମିତ୍ ଶାହ ଏହି ଘୋଷଣା କରିଛନ୍ତି। ଶପଥ ଗ୍ରହଣ ଉତ୍ସବରେ ସାମିଲ ହେବା ପାଇଁ କେନ୍ଦୁଝର ଜିଲ୍ଲାର ଯୁବ ବିଜେପି ନେତା ଯଜ୍ଞପ୍ରସାଦ ସାହୁଙ୍କୁ ନିମନ୍ତ୍ରଣ କରାଯାଇଛି। ପଶ୍ଚିମବଙ୍ଗ ରାଜ୍ୟ ବିଜେପି ଶାଖା ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। କଲିକତା ସହରସ୍ଥିତ ବ୍ରିଗେଡ ପଡ଼ିଆରେ ହେବାକୁ ଥିବା ଏହି ଉତ୍ସବ ପାଇଁ ଶ୍ରୀ ସାହୁ ଆଜି ଟ୍ରେନ୍ ଯୋଗେ କଲିକତା ଗସ୍ତ କରିଛନ୍ତି। ସୂଚନାଯୋଗ୍ୟ, ପଶ୍ଚିମ ମେଦିନୀପୁର ଜିଲ୍ଲାର ଗଡବେତା ବିଧାନସଭା ଆସନରେ ଯଜ୍ଞପ୍ରସାଦ ସାହୁ ପ୍ରବାସୀ ପ୍ରମୁଖ ଭାବେ ଦଳ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ଏହି ଆସନରେ ବିଜେପି ଟିଏମସି ପ୍ରାର୍ଥୀଙ୍କୁ ୨୬ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଛି।

## ଅଖଣ୍ଡ ଚବିଶ ପ୍ରହର ନାମ ଯଜ୍ଞ



ଚମ୍ପୁଆ/ନାରଦପୁର, ୮।୫(ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ବଡ଼ନଇଠାରେ ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ୫ ତାରିଖରୁ ଆରମ୍ଭ ହୋଇ ଆଜି ଶେଷ ହୋଇଥିବା ଏହି ଅଖଣ୍ଡ ଚବିଶ ପ୍ରହର ନାମ ଯଜ୍ଞରେ କଳାହାଣ୍ଡି, ବଲାଙ୍ଗିର, ବରଗଡ ଆଦି ଅଞ୍ଚଳର ନାମୀଦାମୀ କୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲେ। ବଡନଇ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି ନାମଯଜ୍ଞରେ ପ୍ରାୟ ୫ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। କଳାହାଣ୍ଡିର ସୁଶ୍ରୀ ରୀନା ବାଗ, ବଲାଙ୍ଗିରର ଡୋଳମଣି ମହାରଣା, ବରଗଡ଼ର ସୁଶ୍ରୀ ସୁମି ବାଗ ଏବଂ ଗଣ୍ଡିଆପାଲିର ଲିପ୍ସାରାଣି ଖମାରୀ ଓ ସ୍ଥାନୀୟ ଗାୟକ ସରୋଜ କୁମାରଙ୍କ କୀର୍ତ୍ତନମଣ୍ଡଳୀ ସାମିଲ ହୋଇଥିଲେ। ଏହାକୁ ବିରେନ ମହାନ୍ତ, ସୁଦର୍ଶନ ମହାନ୍ତ, ଶମ୍ଭୁ ମହାନ୍ତ, କାମପାଳ ମହାନ୍ତ, ଧନେଶ୍ୱର ମହାନ୍ତ, ଛତିଶ ମହାନ୍ତ, କ୍ଷେତ୍ରବାସୀ ମହାନ୍ତ, ମିଟୁରାମ ମହାନ୍ତ, ଗୋଲକ ବିହାରୀ ନାଏକ, ପୁରୁଷତୋମ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ଅସହମତି; ଇସ୍ତଫାଦେଲେ ସରପଞ୍ଚ

ଚମ୍ପୁଆ, ୮।୫(ସମିସ)



ଚମ୍ପୁଆ ବ୍ଲକ କରଞ୍ଜିଆ ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ବ୍ଲକ ପ୍ରଶାସନ ଅଣଦେଖା କରୁଥିବା ପ୍ରତିବାଦରେ ଆଜି ବ୍ରହ୍ମପୁର-କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା, ୱାର୍ଡମେମ୍ବର ଓ ଗ୍ରାମବାସୀଙ୍କ ସହ ଆସି ଚମ୍ପୁଆ ବିଡ଼ିଓ ସ୍ମୃତିରଞ୍ଜନ ସାହୁଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ବିଡ଼ିଓ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିଥିଲେ ସୁଦ୍ଧା ତାହାକୁ ମଞ୍ଜୁର କରିନାହାଁନ୍ତି। ପ୍ରକାଶ ଥାଉକି, ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବ୍ରହ୍ମପୁର-କରଞ୍ଜିଆ ପଞ୍ଚାୟତର ହୋ ସମାଜ ପାଇଁ ଏକ କମ୍ୟୁନିଟି ସେଣ୍ଟର ଆର ଆଇ ଜାଗା ଚିହ୍ନଟ କରିବା ପରେ କାମ ଆରମ୍ଭ କରାଯାଇଥିଲା। ସରପଞ୍ଚ ସୁପ୍ରିୟା ଏଠାରେ ହୋ ସମାଜର ଲୋକ ନାହାଁନ୍ତି ତେଣୁ ବ୍ରହ୍ମପୁର ଠାରେ କରିବା ପାଇଁ ଅଡ଼ି ବସିଥିଲେ। କିନ୍ତୁ ପ୍ରକଳ୍ପଟି କରଞ୍ଜିଆ ଗାଁ ନାମରେ ଆସିଥିବାରୁ ବ୍ଲକ ପ୍ରଶାସନ ରାଜସ୍ୱ ବିଭାଗର ଅନୁମତି ପରେ କାମ ଆରମ୍ଭ କରିଥିଲେ। ସରପଞ୍ଚଙ୍କ ଅଭିଯୋଗ ହେଲା କି ପଞ୍ଚାୟତରେ ଉନ୍ନୟନ କାମ ବାବଦରେ ପଞ୍ଚାୟତର ଜେଇ ବେଉରିଆ ବାବୁ କିଛି ନ ଜଣାଇ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ କରଞ୍ଜିଆ ପଞ୍ଚାୟତରେ ହେଉଥିବା ଉର୍ନ୍ନୟନ ମୂଳକ କାର୍ଯ୍ୟ ଠିକାଦାର ଓ ଯନ୍ତ୍ରୀଙ୍କର ସୁଲାସୁତୁରାରେ ହେଉଥିବାରୁ କାର୍ଯ୍ୟ ଆରମ୍ଭରୁ ସୂଚନା ଫଳକ ନ ଲଗାଇ ପଞ୍ଚାୟତବାସୀଙ୍କୁ ଅନ୍ଧାରରେ ରଖାଯାଉଥିବା ଦେଖିବାକୁ ମିଳୁଛି। ତାଙ୍କୁ ଅଣଦେଖା କରାଯାଉଥିବ ଅଭିଯୋଗ କରି ଥିଲେ। ଏ ପ୍ରସଙ୍ଗରେ ବିଡ଼ିଓ ଶ୍ରୀ ସାହୁ ଦାୟିତ୍ୱରେ ଥିବା ଜେଇ ବେଉରିଆଙ୍କୁ ତାଗିଦ୍ କରିଛନ୍ତି। ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କୁ ତାଙ୍କ ଅଞ୍ଚଳରେ ହେଉଥିବା ଉନ୍ନୟନ କାମ ଉପରେ କାହିଁକି ଜଣାନାହିଁ ବୋଲି ବିରକ୍ତି ପ୍ରକାଶ କରିଥିଲେ। ତେବେ ଅଭିଯୋଗ ଆସିବା ପରେ ସେ ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରି ଦିଆଯାଇଛି। କରଞ୍ଜିଆ ପରିବର୍ତ୍ତେ ବ୍ରହ୍ମପୁରଠାରେ କରିବା ପାଇଁ ସରକାରଙ୍କଠାରୁ ପ୍ରସ୍ତାବ ଅନୁମୋଦନ ହୋଇ ଆସିବା ପରେ ଯାହା କରାଯିବ ବୋଲି ବିଡିଓ କହିଥିଲେ।

# ବିଭିନ୍ନ ପୁଲିସ ଥାନା ପକ୍ଷରୁ ଶିଶୁ ଅଧିକାର ଓ ସୁରକ୍ଷା ସଚେତନତା




ହାଟଡ଼ିହୀ,୮।୫(ସମିସ): କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନାରେ ଶିଶୁ ଅଧିକାର, ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଏହି କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଥିଲେ। ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ସଂଯୋଜନାରେ ଅପରାହ୍ନ ୪ଟା ସମୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଅଙ୍ଗନବାଡିର କର୍ମୀ, ସ୍ଥାନୀୟ ଆଖପାଖ ଅଞ୍ଚଳରୁ ଅନେକ ସଂଖ୍ୟାରେ କିଶୋରୀ, ମହିଳା ସଂଗଠନର ସଦସ୍ୟା ଯୋଗଦେଇଥିଲେ। ସରକାରଙ୍କ ପକ୍ଷରୁ ଜୁଭେଣ୍ଟିକା କାର୍ଯ୍ୟକ୍ରମ ମାଧ୍ୟମରେ ୧୪ରୁ ୧୬ବର୍ଷର ବୟସର କିଶୋରୀ ମାନଙ୍କୁ ବିଭିନ୍ନ ପ୍ରକାରର ସଚେତନତା କରାଯାଇଥିଲା। ଶିଶୁ ମାନଙ୍କ ଅଭିଯୋଗ ଶୁଣାଣି ଦାୟିତ୍ୱରେ ଥାନାର ସୁଷମା ସୁନ୍ଦରୀ ସେଠୀ ଥିବାବେଳେ ସେ ଉପସ୍ଥିତ ନାବାଳିକା ଓ ଯୁବତୀଙ୍କୁ ଭିନ୍ନ ଭିନ୍ନ ବାର୍ତ୍ତା ମାଧ୍ୟମରେ ସଚେତନ କରିଥିଲେ। ଆମ ପୁଲିସ ସମିତିର ସଦସ୍ୟ ଟୁଟୁ ଦକ୍ଷିଣରାୟ, ଥାନା ଇନ୍ସପେକ୍ଟର ବଳିଆ ବାରିକ, ଏସଆଇ ବିନୀତା ଲାକ୍ରା, ଏଏସଆଇ ସୁଷମା ସୁନ୍ଦରୀ ସେଠୀ, ଜମ୍ବୁବତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିବା ବେଳେ କନେଷ୍ଟବଳ ଜୟକୃଷ୍ଣ ଦାସ, ଲକ୍ଷ୍ମୀପ୍ରିୟା ବଳ, ଗୃହରକ୍ଷୀ ସାରଦା ପ୍ରସନ୍ନ ଜେନା, ନିତ୍ୟାନନ୍ଦ ପୃଷ୍ଟି, ସନ୍ଦୀପ କୁମାର ସାହୁ, ଜିତେନ୍ଦ୍ର ଜେନା ପରିଚାଳନା କରିଥିଲେ।

**ତୁରୁମୁଙ୍ଗା:** କିଶୋର କିଶୋରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ପୁଲିସ ପ୍ରତି ଭୟ ଦୂର କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ 'ଜୁଭେନିଟିକା' କାର୍ଯ୍ୟକ୍ରମ ୟୁନିସେଫର ମିଳିତ ସହଯୋଗରେ ଶୁକ୍ରବାର ବାରିଆ ଥାନା ପରିସରରେ ଆୟୋଜିତ ହୋଇଯାଇଛି। ଛାତ୍ରଛାତ୍ରୀ ସାଇବର ଅପରାଧ ପ୍ରତି କିପରି ସତର୍କ ରହିବେ, ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର, ମହିଳା ଓ ଶିଶୁ ସୁରକ୍ଷା ସମ୍ପର୍କିତ ଆଇନ ଏବଂ ସାମାଜିକ ସମସ୍ୟା ବିଷୟରେ ସଚେତନ କରାଯାଇଥିଲା। ବାରିଆ ଥାନା ଭାରପ୍ରାପ୍ତ ଅଧିକାରୀ ସବିତା ନାଏକ, ଏସଆଇ ଅନୁସାୟା ସେଠୀଙ୍କ






ସମେତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ପାଟଣା ଥାନାରେ ମଧ୍ୟ କିଶୋର କିଶୋରୀଙ୍କୁ ସଚେତନତା କରିବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁଙ୍କ ସମେତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। କିଶୋର କିଶୋରୀମାନଙ୍କୁ ସଚେତନ କରିବା ସହ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ଦିଗରେ କାର୍ଯ୍ୟକ୍ରମ ଏକ ସଫଳ ପ୍ରୟାସ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

**ଚମ୍ପୁଆ:** ଚମ୍ପୁଆ ଥାନା ପରିସରେ ସବ୍ ଇନସପେକ୍ଟର ନିତେଶ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଡିପିଓ ଲକ୍ଷ୍ମୀକାନ୍ତି ମାରାଣ୍ଡି, ସବ୍‌ଇନସ୍ପେକ୍ଟର ହିମାଂଶୁ ଶେଖର ପ୍ରଧାନ, ଥାନା ଶିଶୁ ସୁରକ୍ଷା ଅଧିକାରୀ ରେବତୀ ବୁଡ ପ୍ରମୁଖ ଶିଶୁମାନଙ୍କର ଅଧିକାର ଓ କଲ୍ୟାଣକୁ ସୁରକ୍ଷିତ ରଖିବା ପାଇଁ ସମସ୍ତଙ୍କ ମିଳିତ ସହଯୋଗ ଆବଶ୍ୟକ ବୋଲି ମତ ଦେଇଥିଲେ। ସାଇବର ନିରବତା ସଚେତନତା, ଶିଶୁ ଓ ମହିଳା ମାନଙ୍କର ଡିଜିଟାଲ ସୁରକ୍ଷା ଆଦି ଉପରେ ଉପସ୍ଥିତ ଅଙ୍ଗନବାଡି କର୍ମୀ ଓ ଶିଶୁ ମାନଙ୍କୁ ପୁଙ୍ଖାନୁପୁଙ୍ଖ ବୁଝାଇବା ସହିତ ପ୍ରଜେକ୍ଟର ମାଧ୍ୟମରେ ସଚେତନତା କରାଯାଇଥିଲା।

**ବଡ଼ବିଲ:** ବଡବିଲ ପୁଲିସ ତରଫରୁ ସ୍ଥାନୀୟ ଅଞ୍ଚଳରେ ଏହି ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଥାନା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ପିଲାଙ୍କୁ ସାଇବର୍ ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ, ସେମାନଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ବିଷୟରେ ସଚେତନ କରାଯାଇଥିଲା। ପିଲାମାନେ ଏକ ସଚେତନାତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।

**ଆନ୍ତଃରାଜ୍ୟ ଚାଲାଣ ବେଳେ ମାଡ଼ି ବସିଲା ପୁଲିସ**

# ଗଞ୍ଜେଇ ସହ ଅଟୋ ଜବତ; ୮ ଗିରଫ



ଯୋଡ଼ା/ବଡ଼ବିଲ, ୮।୫(ସମିସ): କେନ୍ଦୁଝର ଜିଲ୍ଲା ପୁଲିସ ଦ୍ୱାରା ଚୋରା ନିଶା ବେପାରୀଙ୍କ ବିରୋଧରେ ଅଭିଯାନ ଜାରି ରହିଥିବା ବେବେ ବଡ଼ବିଲ ପୁଲିସକୁ ମିଳିଛି ସଫଳତା। ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହି ପଞ୍ଚାୟତ ଓଏମ୍‌ସି କଲୋନୀ ନିକଟସ୍ଥ ଏକ ସ୍ଥାନରେ ଆନ୍ତଃରାଜ୍ୟ ଗଞ୍ଜେଇ ରାକେଟ କାର୍ଯ୍ୟ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଡ଼ବିଲ ଥାନାଧିକାରୀ ଅଶୋକ ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଚଢ଼ଉ କରିଥିଲେ। ଏହି ଚଢ଼ଉରେ ଏକ ଅଟୋ ରିକ୍ସାରେ (ଓଡି ୦୯ ୱାଇ ୫୮୬୨) ବୋଝେଇ ହୋଇଥିବା ୩୩ କିଲୋଗ୍ରାମ ୧୯୦ ଗ୍ରାମ ଓଜନ ଚୋରା ଗଞ୍ଜେଇ, ଗୋଟିଏ ବିଦ୍ୟୁତ ଚାଳିତ ଓଜନ ମେସିନ, ଗୋଟିଏ ମୋବାଇଲ ଫୋନ, ନଗଦ ୨୦୦୦ ଟଙ୍କା ସମେତ ଅଟୋ ରିକ୍ସାକୁ ମଧ୍ୟ ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ୮ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିଛି। ଏ ସମ୍ବନ୍ଧରେ ବଡ଼ବିଲ ଆଞ୍ଚଳିକ ପୁଲିସ ଅଧୀକ୍ଷକ ଦେବେନ୍ଦ୍ରନାଥ ପିଙ୍ଗୁଆ ସୂଚନା ଦେଇଛନ୍ତି ଯେ ବିଜୁ ବେହେରା (୨୫) ଓ ଘନଶ୍ୟାମ ଷଡ଼ଙ୍ଗୀ (୩୩) ଅଟୋ ରିକ୍ସାରେ ଗଞ୍ଜେଇ ଆଣି ଯୋଗାଉଥିଲେ। ସ୍ଥାନୀୟ କେତେକ ଗଞ୍ଜେଇ ବେପାରୀ ସେମାନଙ୍କଠାରୁ ଗଞ୍ଜେଇ କିଣି ବଡ଼ବିଲ ଅଞ୍ଚଳରେ କାରବାର ଚଳାଉଥିବା ବେଳେ ପୁଲିସ ପକ୍ଷରୁ ତଦନ୍ତ କରାଯାଇ ତାଙ୍କୁ ମଧ୍ୟ ଗିରଫ କରାଯାଇଛି। ଅନ୍ୟ ଗିରଫ ଅଭିଯୁକ୍ତମାନେ ହେଲେ ସୁଶୀଲ ପଇଡ଼ର(୨୨), ସଦ୍ଦାମ ହୁସେନ(୩୬), ଅର୍ଜୁନ କେଶରୀ (୫୫), ଯଦାଧର ଆପଟ୍ରା(୩୫), ଏମ୍‌ଡି ମୁମତାଜ ଆଲାମ(୩୩) ଓ ଏମ୍‌ଡି ସରାବର(୩୦)। ଜଣେ କାର୍ଯକାରୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ଚଢ଼ଉ କରାଯାଇଥିଲା।

# ବଡ଼ବିଲ କଲେଜର ଗ୍ରୀଷ୍ମକାଳୀନ କାର୍ଯ୍ୟକ୍ରମ



ବଡ଼ବିଲ, ୮।୫(ସମିସ): ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ବଡ଼ବିଲ କଲେଜରେ ଚତୁର୍ଥ ସେମିଷ୍ଟାର୍ ସ୍ନାତକ ଛାତ୍ରଛାତ୍ରୀଙ୍କ ପାଇଁ ଗ୍ରୀଷ୍ମକାଳୀନ ଇର୍ଣ୍ଟର୍ନଶିପ୍, ସମୁଦାୟ ସେବା ଓ ଫିଲ୍ଡ ଷ୍ଟଡି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ୧୨୦ ଘଣ୍ଟାର ସମୁଦାୟ ସେବା କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ସାମାଜିକ ସଂଗଠନ ନେଟିଭ୍ ଭଏସ୍ ସହିତ ସହଯୋଗରେ ପ୍ରକଳ୍ପଟି ଆୟୋଜିତ ହେଉଛି। ଇଂରାଜୀ ବିଭାଗର ଅନିତା ଟୋପ୍‌ନୋ ଓ ମନୋରମା ସ୍ୱାଇଁ ମେଣ୍ଟର୍ ଭାବେ ଉପସ୍ଥିତ ଥିଲେ। ମୋଟ ୨୯ ଛାତ୍ର ମଧ୍ୟରୁ ୧୧ ଇଂରାଜୀ ବିଭାଗରୁ ଓ ୧୮ ଅନ୍ୟାନ୍ୟ ବିଭାଗରୁ ଛାତଛାତ୍ରୀ ନେଟିଭ୍ ଭଏସ୍ ନିର୍ଦ୍ଦେଶନାରେ ଯୋଗ ଦେଇଛନ୍ତି। ପ୍ରଥମ ଦିନରେ ଇଣ୍ଡକ୍ସନ୍ ଓ ଅରିଏଣ୍ଟେସନ୍ ସେସନ୍ ବଡ଼ବିଲ୍ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା। ନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକ ଛାତ୍ରଛାତ୍ରୀଙ୍କୁ ମ୍ୟୁନିସିପାଲିଟିର କାର୍ଯ୍ୟଭାର ଓ ଦାୟିତ୍ୱ ବିଷୟରେ ଅବଗତ କରାଇଥିଲେ। ସେ ସ୍ୱଚ୍ଛ ଭାରତ ମିଶନ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅମୃତ ଯୋଜନା ଓ ପିଏମ ସ୍ୱନିଧି ପରି ପ୍ରମୁଖ ଯୋଜନା ବିଷୟରେ ଆଲୋଚନା କରିଥିଲେ। ସେ ଯୁବକମାନଙ୍କୁ ସଚେତନତା ବ୍ୟାପ୍ତ କରିବା ଓ ସମୁଦାୟ ଉନ୍ନତିରେ ସକ୍ରିୟ ଭାଗୀଦାର ହେବାକୁ ଆହ୍ୱାନ କରିଥିଲେ। ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ, ସମୁଦାୟ ସେବା ମାଧ୍ୟମରେ ଉଜ୍ଜ୍ୱଳ ଭବିଷ୍ୟତ୍ ସୃଷ୍ଟି କରିବାକୁ ପ୍ରେରିତ କରିଥିଲେ। ମେଣ୍ଟର୍ ମନୋରମା ସ୍ୱାଇଁଙ୍କ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରଛାତ୍ରୀମାନେ ଡିଏମ୍‌ଏଫ୍ ଲାଇବ୍ରେରୀକୁ ପରିଦର୍ଶନ କରି, ସେଠାରେ ଉପଲବ୍ଧ ସାଧନ ସମ୍ପର୍କରେ ଅବଗତ ହୋଇଥିଲେ। କାର୍ଯ୍ୟକ୍ରମରେ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ, କାର୍ଯ୍ୟକ୍ରମ ମେଣ୍ଟର, ନେଟିଭ୍ ଭଏସ୍ ସଚିବ ରସାନନ୍ଦ ବେହେରା, ବସନ୍ତ ମହାନ୍ତ ଓ ବିକାଶ ଦାସଙ୍କ ପରି ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ବିଶ୍ୱ ଯୁବ ରେଡ୍‌କ୍ରସ ଦିବସ



କେନ୍ଦୁଝର, ୮।୫(ସମିସ): କେନ୍ଦୁଝରରେ ଜିଲ୍ଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ଭାରତୀୟ ରେଡ଼କ୍ରସ ସଂସ୍ଥା କେନ୍ଦୁଝର ଓ ଯୁବ ରେଡକ୍ରସ ୟୁନିଟ ଧରଣୀଧର ବିଶ୍ୱବିଦ୍ୟାଳୟ ମିଳିତ ସହଯୋଗରେ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଅଡିଟରିୟମରେ କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ କୁଳପତି ପ୍ରଫେସର ସଞ୍ଜୟ ପାତ୍ର ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ଏମର୍ଜେନ୍ସି ଅଫିସର ଅଭିଲାଷ ପୁରୋହିତ, ସମାଜସେବୀ ଧରିତ୍ରୀ ରାଉତ, ସିପିଜିସି ଡ଼ିଡ଼ି ବିଶ୍ୱବିଦ୍ୟାଳୟ ପ୍ରଭୁପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ଜିଲ୍ଲା ରେଡ଼କ୍ରସ ଏଆର ଖାନ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଜିଲ୍ଲା ଯୁବ ରେଡ଼କ୍ରସ ସଂଯୋଜିକା ଡ଼ଃ ମମତା ମଞ୍ଜରୀ ପଣ୍ଡା ସ୍ୱାଗତ ଭାଷଣ ଦେବା ସହିତ ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସୁଶ୍ରୀ ଆୟୁଷି କର ଉତ୍ସବ ସଂଚାଳନ କରିଥିବାବେଳେ ଯୁବ ରେଡ଼କ୍ରସ କାଉନସିଲର ଶୁକଦେବ ତିରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିବୃନ୍ଦ ଯୁବ ରେଡ଼କ୍ରସ ସ୍ୱେଚ୍ଛାସେବୀ, କନିଷ୍ଠ ରେଡ଼କ୍ରସ କାଉନସିଲର ମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରଥିଲେ। ଯୁବରେଡ଼କ୍ରସ ପକ୍ଷରୁ ଏକ ଜଳଛତ୍ର ଲୋକାର୍ପଣ କରାଯିବା ପରେ ଅତିଥିବୃନ୍ଦ ଜିଲ୍ଲାକାରାଗାରରେ ଅନ୍ତେବାସୀଙ୍କ ନିମନ୍ତେ ଆୟୋଜିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ପରିଦର୍ଶନ କରିଥିଲେ। ଅନ୍ତେବାସୀଙ୍କ ହୃଦ ସମସ୍ୟା, ଇସିଜି ଟେଷ୍ଟ, ବ୍ଲଡ଼ ସୁଗାର, ବ୍ଲଡ଼ ପ୍ରେସର, ଦନ୍ତ ପରୀକ୍ଷା, ଓଜନ ପରୀକ୍ଷା ଇତ୍ୟାଦି ହୃଦୟ ବିଶେଷଜ୍ଞ ଡାକ୍ତର ରଷିକାନ୍ତ ମହାନ୍ତ, ଦନ୍ତ ବିଶେଷଜ୍ଞ ଡାକ୍ତର ସଂଜୀବ ଓତା, ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଭେଷଜ ବିଶେଷଜ୍ଞଙ୍କ ଦ୍ୱାରା କରାଯାଇ ନିଦାନ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଧରଣୀଧର ବିଶ୍ୱବିଦ୍ୟାଳୟ ଅଧ୍ୟାପିକା ଡ଼ଃ ଅରୁନ୍ଧତୀ ଓଝା, ଡ଼ଃ ସୁମନ୍ତ ନାଏକଙ୍କ ସହଯୋଗରେ ଉତ୍ସବ ଆୟୋଜିତ ହୋଇଥିଲା।

**ଆନନ୍ଦପୁର:** ଆନନ୍ଦପୁର ଉପଖଣ୍ଡ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ୟୁନିଟ ତରଫରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରେଡ୍‌କ୍ରସ ପରାମର୍ଶଦାତା ମହେଶ୍ୱର ପାତ୍ର ସଂଯୋଜନା କରିଥିଲେ। ଭବାନୀ ପ୍ରସାଦ ବଳ, ଅମରେନ୍ଦ୍ର ମିଶ୍ର, କ୍ଷେତ୍ରବାସୀ ସୋରେନ, ଗଣେଶ ହେମ୍ବ୍ରମ, ହୃଦାନନ୍ଦ ଦାସ, ଛାତ୍ରଛାତ୍ରୀଙ୍କୁ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ପାଇଁ ରେଡକ୍ରସ୍ ବାର୍ତ୍ତା ରହିଛି "ୟୁନାଇଟେଡ ଇନ୍ ହ୍ୟୁମାନିଟି"। ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ସ୍ୱେଚ୍ଛାସେବୀ ବିଭୂତି ଜେନା, ତ୍ରିଲୋଚନ ରାଉତ୍, ତୋଫାନ ପୃଷ୍ଟି, ଦେବାଶିଷ କର, ପ୍ରିୟଦର୍ଶିନୀ, ଶୁଭଶ୍ରୀ ଜେନା। ମହିଳା କାଉନସିଲର ଅଲକା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।







**ବାଲିବନ୍ଧ:** ଝୁମ୍ପୁରା ପଞ୍ଚାୟତସମିତି ମହାବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଯୁବ ରେଡକ୍ରସ ବିଭାଗର କାଉନସିଲର ଅଧ୍ୟାପକ ବିନାୟକ ମହାନ୍ତଙ୍କ ସଭାପତିତ୍ୱରେ ବିଶ୍ୱ ରେଡକ୍ରସ ଦିବସ ଅନୁଷ୍ଠିତ ହୋଇଥିଲା। ନିସ୍ୱାର୍ଥପର ଭାବେ ରେଡ଼କ୍ରସ ସଂସ୍ଥା ମାନବ ସମାଜ ପାଇଁ ଆହତ, ମୁମୂର୍ଷ ଲୋକମାନଙ୍କୁ ତତକାଳ ସାହାଯ୍ୟ, ସହଯୋଗ ଯୋଗାଇଦେବା ସହ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ବନ୍ୟା ବାତ୍ୟା, ଭୂମିକମ୍ପ ଆଦି କ୍ଷେତ୍ରରେ ନିଜେ ସୁରକ୍ଷିତ ରହି ଅନ୍ୟର ଧନଜୀବନ ରକ୍ଷା କରିବ କ୍ଷେତ୍ରରେ କାର୍ଯ୍ୟ କରିଥାଏ। ବିଭିନ୍ନ ସମୟରେ ରକ୍ତଦାନ ଶିବିର କରି ରକ୍ତ ସଂଗ୍ରହ କରି ପୁଣ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାଏ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ହେମଲତା ନାଏକ, ମହାବିଦ୍ୟାଳୟର ସହକର୍ମଚାରୀ ଦୀପକ କୁମାର ମହାନ୍ତ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ।

ଜମି ଅଧିଗ୍ରହଣ କ୍ଷତିପୂରଣ ପ୍ରଦାନରେ ଅନିୟମିତତା ଅଭିଯୋଗ

# ପ୍ରଭାବିତ ପରିବାରଙ୍କ ଗୁହାରି; ପୁନର୍ବାସ ଓ ଚାକିରି ଦିଅ

କରଞ୍ଜିଆ, ୮।୫(ସମିସ): କରଞ୍ଜିଆ ଅଞ୍ଚଳରେ ଜଳ ସମ୍ପଦ ବିଭାଗ ଅଧୀନରେ ହୋଇଥିବା ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ନେଇ ପୁଣିଥରେ ଅସନ୍ତୋଷ ପ୍ରକାଶ ପାଇଛି। ଜମି ହରାଇଥିବା ଅନେକ ପ୍ରଭାବିତ ପରିବାର କ୍ଷତିପୂରଣ ପ୍ରଦାନରେ ଅନିୟମିତତା, ବିଳମ୍ବ ଓ ପ୍ରଶାସନିକ ଅବହେଳା ଅଭିଯୋଗ କରି ଜିଲ୍ଲାପାଳଙ୍କ ନିକଟରେ ଏକ ବିସ୍ତୃତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଘଟଣାକୁ ନେଇ ପ୍ରଭାବିତ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଥିବାବେଳେ ସରକାର ଓ ପ୍ରଶାସନ ଶୀଘ୍ର ହସ୍ତକ୍ଷେପ କରି ନ୍ୟାୟ ଦେବାକୁ ପ୍ରଭାବିତ ପରିବାର ଦାବି କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୨୦୧୪ଠାରୁ ଜଳ ସମ୍ପଦ ବିଭାଗ ଅଧୀନରେ ବିଭିନ୍ନ ପ୍ରକଳ୍ପ ପାଇଁ ସ୍ଥାନୀୟ ଲୋକଙ୍କ ଜମି ଅଧିଗ୍ରହଣ କରାଯାଇଥିଲା। ସେତେବେଳେ ପ୍ରଭାବିତ ଚାଷୀ ଓ ଜମି ମାଲିକଙ୍କୁ ଯଥୋଚିତ କ୍ଷତିପୂରଣ, ପୁନର୍ବାସ ଓ ଜୀବିକା ସୁବିଧା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଅନେକ ପରିବାର ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କ୍ଷତିପୂରଣ ପାଇନାହାନ୍ତି। କେତେକ ଲୋକ ଆଂଶିକ ଅର୍ଥ ପାଇଥିବାବେଳେ ଅନେକ ଲୋକଙ୍କ ନାମ ତାଲିକାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ପ୍ରଭାବିତଙ୍କ ଅଭିଯୋଗ ଅନୁଯାୟୀ, ଜମି ଅଧିଗ୍ରହଣ ସମୟରେ ଅନେକ ଚାଷଜମି, ଘରବାଡ଼ି ଓ ଜୀବିକାର ମୂଳ ଉତ୍ସ ହରାଇଥିଲେ ମଧ୍ୟ ସେମାନଙ୍କ ପାଇଁ ସ୍ଥାୟୀ ପୁନର୍ବାସ ବ୍ୟବସ୍ଥା ହୋଇନାହିଁ। ଆରପିଡିଏସ୍ ବୈଠକରେ କ୍ଷତିପୂରଣ ଓ ପୁନର୍ବାସ ସମ୍ପର୍କରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା କୁହାଯାଇଛି। କେତେକ ଅଧିକାରୀଙ୍କ ଅବହେଳା, ଫାଇଲ ଜଟିଳତା ଓ ପ୍ରଶାସନିକ ତ୍ରୁଟି କାରଣରୁ ଏହି ସମସ୍ୟା ଦୀର୍ଘଦିନ ଧରି ଜାରି ରହିଥିବା ପ୍ରଭାବିତମାନେ ଅଭିଯୋଗ କରିଛନ୍ତି। ଦାବିପତ୍ରରେ ପ୍ରଭାବିତ ପରିବାରମାନେ କେବଳ ବକେୟା କ୍ଷତିପୂରଣ ଦାବି କରିନାହାନ୍ତି, ସେମାନଙ୍କ ଜୀବନ ଓ ଜୀବିକା ସୁରକ୍ଷା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଦାବି ଉଠାଇଛନ୍ତି।



ପ୍ରତ୍ୟେକ ପ୍ରଭାବିତ ପରିବାରର ଜଣେ ସଦସ୍ୟଙ୍କୁ ସ୍ଥାୟୀ ଚାକିରି, ଘର ହରାଇଥିବା ପରିବାରଙ୍କୁ ବାସଗୃହ ସୁବିଧା, ଶିଶୁମାନଙ୍କ ପାଇଁ ମାଗଣା ଶିକ୍ଷା ଓ ଛାତ୍ରବୃତ୍ତି, ଯୁବକମାନଙ୍କ ପାଇଁ ସ୍କିଲ ଡେଭେଲପମେଣ୍ଟ ଟ୍ରେନିଂ ଓ ଜୀବିକା ହରାଇଥିବା ପରିବାର ପାଇଁ ମାସିକ ଭତ୍ତା ପ୍ରଦାନ ପାଇଁ ଦାବି କରାଯାଇଛି।

ଏଥିସହ ପ୍ରଭାବିତ ଲୋକ କହିଛନ୍ତି ଯେ, ଜମି ହରାଇବା ପରେ ଅନେକ ପରିବାର ଗୁରୁତର ଆର୍ଥିକ ସମସ୍ୟାରେ ଅଛନ୍ତି। ଚାଷଜମି ନଥିବାରୁ ଅନେକ ପରିବାରର ଆୟର ମୂଳ ଉତ୍ସ ବନ୍ଦ ହୋଇଯାଇଛି। କେତେକ ପରିବାର ଦୈନିକ ମଜୁରି କାମ କରି ଜୀବନଯାପନ କରୁଥିବାବେଳେ କିଛି ଯୁବକ ଚାକିରି ଅଭାବରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏହି ପରିସ୍ଥିତିରେ ସରକାର ତୁରନ୍ତ ପଦକ୍ଷେପ ନେଇ ପ୍ରଭାବିତ ପରିବାରମାନଙ୍କୁ ସୁରକ୍ଷା ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ଆହୁରି ମଧ୍ୟ କୁହାଯାଇଛି ଯେ, ସମଗ୍ର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଯେଉଁ ଅଧିକାରୀଙ୍କ ଅବହେଳା କିମ୍ବା ତ୍ରୁଟି ରହିଛି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସମସ୍ତ ଅଭିଯୋଗର ନିରପେକ୍ଷ ତଦନ୍ତ କରି ଶୀଘ୍ର ବକେୟା ଅର୍ଥ ପ୍ରଦାନ କରିବା ସହ ପୁନର୍ବାସ ବ୍ୟବସ୍ଥା କାର୍ଯ୍ୟକରୀ କରାଯାଉ।"ଏହି ଦାବିପତ୍ରର ନକଲ ମୟୂରଭଞ୍ଜ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଉପଜିଲ୍ଲାପାଳ, ଜଳ ସମ୍ପଦ ବିଭାଗ ଉଚ୍ଚ ଅଧିକାରୀ ଓ ଅନ୍ୟାନ୍ୟ ପ୍ରଶାସନିକ କର୍ତ୍ତୃପକ୍ଷଙ୍କୁ ପ୍ରେରଣ କରାଯାଇଥିବା ଜଣାପଡ଼ିଛି। ବର୍ତ୍ତମାନ ପ୍ରଭାବିତ ପରିବାର ପ୍ରଶାସନର ପଦକ୍ଷେପକୁ ଅପେକ୍ଷା କରି ରହିଛନ୍ତି।

## ଠାକୁରମୁଣ୍ଡା ପୁଲିସ ସମିତି ବୈଠକ



ମହୁଲଡିହା/ଠାକୁରମୁଣ୍ଡା, ୮।୫(ସମିସ): ଠାକୁରମୁଣ୍ଡା ଥାନାରେ ଆମ ପୁଲିସ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରିଣୀ ସାବିତ୍ରୀ ଦଳେଇଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଏଏସଆଇ ଅମରେଶ ବାରିକ ଅପରାଧ ନିୟନ୍ତ୍ରଣ, ମଦ ଓ ନିଶା ବାବଦରେ ସଚେତନତା, ସାଇବର ଅପରାଧ, ଠକେଇ ଓ ନିରାକରଣ, ସମ୍ବିଧାନର ନୂତନ ନିୟମ ବାବଦରେ ସଚେତନ ହେବାକୁ ପରାମର୍ଶ ଦେବା ସହ ସମସ୍ୟାରେ ପଡ଼ିଲେ ପୁଲିସ ହେଲ୍ପଲାଇନ ନମ୍ବର ୧୧୨ର ସହଯୋଗ ନେବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ବସନ୍ତ କୁମାର ପଇବର୍ତ୍ତୀ, ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦ ଯୋଗଦେଇ ଛୋଟ ପିଲା ବିନା ଲାଇସେନ୍ସ, ନିଶା ଖାଇ ଗାଡ଼ି ଚଳାଇ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରୁଥିବାରୁ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ପୁଲିସ ସହିତ ଜନସାଧାରଣ ସହଯୋଗ କରି ସଜାଗ ରହିଲେ ଅପରାଧ ନିଶ୍ଚିତ କମିବ ବୋଲି ମତ ଦେଇଥିଲେ। ଉକ୍ତ ବୈଠକରେ ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ, ଉଡ଼ା ଯାତ୍ରା କମିଟି ସମ୍ପାଦକ ପ୍ରକାଶ ସାହୁ, ସ୍ଥାନୀୟ ଜନସାଧାରଣଙ୍କ ସମେତ ଥାନା କର୍ମଚାରୀ ଉପସ୍ଥିତ ଥିଲେ। ଏ ଅବସରରେ ସମସ୍ତଙ୍କୁ ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ କହିବାକୁ ସୁଯୋଗ ଦିଆଯାଇଥିଲା। ଶେଷରେ ଏଏସଆଇ ଅନୀତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଉତ୍କଳ ସାହିତ୍ୟ ସମାଜ ମୟୂରଭଞ୍ଜ ଶାଖାର ସ୍ୱନକ୍ଷତ୍ର ଦିବସ



ବାରିପଦା, ୮।୫(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ସହଯୋଗରେ ବିଭାଗର ସମ୍ମିଳନୀ କକ୍ଷରେ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ମୟୂରଭଞ୍ଜ ଶାଖା ଦ୍ୱାରା ସାହିତ୍ୟ ସମାଜର ୧୨୪ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ସ୍ତମ୍ଭକାର ତଥା ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ ଯୋଗଦାନ କରି ଓଡ଼ିଶା ଗଠନରେ ମୟୂରଭଞ୍ଜର ଅବଦାନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ଆଞ୍ଚଳିକ ମହାବିଦ୍ୟାଳୟ ଗଡ଼ିଆର ଅବସରପ୍ରାପ୍ତ ଅଧ୍ୟକ୍ଷ ସାହିତ୍ୟିକ ରାଜେନ୍ଦ୍ର ସାମଲ ଯୋଗଦାନକରି ଭାଷାସାହିତ୍ୟ ପ୍ରତି ମୟୂରଭଞ୍ଜର ଅବଦାନ ସମ୍ବନ୍ଧରେ ଏକ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ଉତ୍ତର ଓଡ଼ିଶା ଶାଖାର ଉପସଭାପତି ବେତନଟୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ ରମାକାନ୍ତ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ବାରିପଦା ପୂଜ୍ୟପୂଜା ସାହିତ୍ୟ ଅନୁଷ୍ଠାନର ସମ୍ପାଦିକା ଭାସ୍ୱତୀ ବାରିକ ସମ୍ମାନିତ ଅତିଥିଭାବରେ ଯୋଗଦାନ କରି ବାରିପଦାରେ ସାହିତ୍ୟର ପରିବେଶ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗର ସହକାରୀ ପ୍ରଫେସର ଡକ୍ଟର ବିଚିତ୍ରନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହକାରୀ ପ୍ରଫେସର ଡକ୍ଟର ଶିଶିର ବେହେରା ଓଡ଼ିଆ ଭାଷା ବିକାଶ ଏବଂ ଉତ୍କଳ ସାହିତ୍ୟ ସମାଜ ନିର୍ମାଣରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରହିଥିବା ଅବଦାନ ସମ୍ପର୍କରେ ଚର୍ଚ୍ଚା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ ରାଜକୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଫଳ କରିବାରେ ବିଭାଗର ସହକାରୀ ପ୍ରଫେସର ଡକ୍ଟର ବିନ୍ଧେଶ୍ୱରୀ କଲିଆ, ହୃଷିକେଶ ମହାନ୍ତ ସହଯୋଗ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ଛାତ୍ରଛାତ୍ରୀମାନଙ୍କ ସହିତ କୁନ୍ତଳା ବାରିକ, ବରିଷ୍ଠ ସାହିତ୍ୟିକ ନରସିଂହ ବାରିକ, ଲେଖିକା ମିନତି ସିଂହ, ଗବେଷିକା ଡ ରଶ୍ମିରେଖା ସିଂହ, ଆଡଭୋକେଟ୍ ପ୍ରବୀର କୁମାର ବାରିକ, ସମାଜସେବୀ ପ୍ରକାଶ କୁମାର ବାରିକ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଉତ୍କଳ ସାହିତ୍ୟ ସମାଜର ସଙ୍ଗୀତ ଏବଂ ଶେଷରେ ରାଜ୍ୟ ସଙ୍ଗୀତ ବନ୍ଦେ ମାତରଂ ଗାନ କରାଯାଇଥିଲା।

## ଶୁଳିଆପଦା ଡ୍ରାଇଭର ମହାସଂଘ ପକ୍ଷରୁ ଛତା ବଣ୍ଟନ

ଶୁଳିଆପଦା, ୮।୫ (ସମିସ): ଶୁଳିଆପଦା ଡ୍ରାଇଭର ମହାସଂଘ ପକ୍ଷରୁ ଝାଲିଆମରା ପଞ୍ଚାୟତର ଝାଲିଆମରା ଗ୍ରାମରେ ଥିବା ୩୦ ଜଣ ଅସହାୟ ଓ ଗରିବ ବୃଦ୍ଧବୃଦ୍ଧାଙ୍କୁ ଛତା ବଣ୍ଟନ କରାଯାଇଛି। ଡ୍ରାଇଭର ସଂଘର ମୋହନ ମାର୍ଣ୍ଡି, ବିନୋଦ କିସ୍କୁ, ରାମେଶ୍ୱର ସୋରେନ ଉପସ୍ଥିତ ଥିଲେ। ଏହି କାର୍ଯ୍ୟ ପାଇଁ ଗାଁରେ ସେମାନଙ୍କୁ ପ୍ରଶଂସା କରିଛନ୍ତି।



## ଥାନାରେ ହାଇୱା ଅଟକ, ମାମଲା ଦାଏର କଲା ଖଣି ବିଭାଗ

ମହୁଲଡିହା, ୮।୫(ସମିସ): କେନ୍ଦୁଝର ଜିଲ୍ଲା ବୈତରଣୀ ନଦୀରୁ ଚୋରାରେ ଠାକୁରମୁଣ୍ଡା ଅଭିମୁଖେ ଯାଉଥିବା ୩ଟି ବାଲି ବୋଝେଇ ହାଇୱାକୁ ଖଣି ବିଭାଗ ଜବତ କରିଥିଲା। ଗତ ୨୪ ତାରିଖ ରାତିରେ ଖଣି ବିଭାଗ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଆନନ୍ଦପୁର-ଠାକୁରମୁଣ୍ଡା ୫୩ ନମ୍ବର ରାଜ୍ୟ ରାଜପଥର ମହୁଲଡିହା ହାଇସ୍କୁଲ ଛକରେ ଯାଞ୍ଚ କରି ଥାନାରେ ଅଟକ ରଖିଥିଲେ। ସେଥିମଧ୍ୟରୁ ଗୋଟିଏ ହାଇୱା ବିରୁଦ୍ଧରେ ବିଭାଗୀୟ ଅଧିକାରୀଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା ରୁଜୁ ହୋଇଥିବା ମହୁଲଡିହା ଥାନା ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।

## ସୁଲତାନ ସାହା ପୀର ବାବାଙ୍କ ୪୧ତମ ଉର୍ସ ଉତ୍ସବ

ରାସଗୋବିନ୍ଦପୁର, ୮।୫ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନାକିଚୁଆ ପଞ୍ଚାୟତରେ ହିନ୍ଦୁ-ମୁସଲିମ ଭାଇଚାରାର ଅନନ୍ୟ ପ୍ରତୀକ ଭାବେ ପରିଚିତ ସୁଲତାନ ସାହା ପୀର ବାବାଙ୍କ ୪୧ତମ ଉର୍ସ ଉତ୍ସବ ଆନନ୍ଦ ଉଲ୍ଲାସ ଓ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି। ରାସଗୋବିନ୍ଦପୁର ଚାଷୀପଡ଼ା ସୀମାନ୍ତରେ ଅବସ୍ଥିତ ସୁଲତାନ ସାହା ପୀର ବାବାଙ୍କ ସମାଧି ପୀଠରେ ଆୟୋଜିତ ଏହି ଉର୍ସ ଉତ୍ସବରେ ଓଡ଼ିଶା ସହ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରୁ ଶତାଧିକ ହିନ୍ଦୁ ଓ ମୁସଲିମ ଶ୍ରଦ୍ଧାଳୁ ଯୋଗଦେଇ ପୀର ବାବାଙ୍କ ଆଶୀର୍ବାଦ ଲାଭ କରିଥିଲେ। ବିଶ୍ୱାସ ଓ ଭକ୍ତିକୁ ଆଧାର କରି ଏଠାରେ ବର୍ଷ ବର୍ଷ ଧରି ସାମ୍ପ୍ରଦାୟିକ ସମ୍ପ୍ରୀତିର ଏକ ନିଆରା ପରମ୍ପରା ଦେଖିବାକୁ ମିଳୁଛି। ଏହି ପୀଠ ନିକଟରେ ପ୍ରଭୁ ଶ୍ୟାମନନ୍ଦଙ୍କ ସମାଧି ପୀଠ ଅବସ୍ଥିତ ଥିବାବେଳେ ଶ୍ରଦ୍ଧାଳୁ ସେଠାରୁ ପବିତ୍ର ଜଳ ଆଣି ସୁଲତାନ ସାହା ପୀର ବାବାଙ୍କ ସମାଧିକୁ ସ୍ନାନ କରାଇଥିଲେ। ପରେ ଚାଦର, ସୁଗନ୍ଧିତ ପୁଷ୍ପ ଓ ଧୂପ ଅର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା। ଉର୍ସ ଉତ୍ସବକୁ ସଫଳ କରିବାରେ ଉର୍ସ କମିଟି ସଭାପତି ଉମାକାନ୍ତ ମଣ୍ଡଳ, ସମ୍ପାଦକ ଏସ୍.କେ. ଜାଫର, କୋଷାଧ୍ୟକ୍ଷ ନାରାୟଣ ପ୍ରସାଦ ଦାସଙ୍କ ସମେତ ଫରିଦ ଅହମ୍ମଦ, ଏସ୍.କେ. ଇଦ୍ରିକ, କାସିବୁଦ୍ଦିନ, ଏସ୍.କେ. ରଫିକ ଓ ଅନ୍ୟ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

ଜିଲ୍ଲାରେ ଖୋଲିବ ୭୨ଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ

## ୨୬ରେ ଲଟେରି ମାଧ୍ୟମରେ ଲାଇସେନ୍ସ ବଣ୍ଟନ

**୨୧ ତାରିଖ ସୁଦ୍ଧା ଆବେଦନ**

ବାରିପଦା, ୮।୫(ସମିସ): ମୟୂରଭଞ୍ଜ ଜିଲ୍ଲାରେ ୭୨ଟି ଭାରତୀୟ ବିଦେଶୀ ମଦ (ଆଇଏମ୍ଏଫ୍ଏଲ୍) ଠିପି ବନ୍ଦ ଦୋକାନ ସ୍ଥାପନ ପାଇଁ ଲଟେରୀ ମାଧ୍ୟମରେ ଆବେଦନ ଆହ୍ୱାନ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ଚଳିତ ମାସ ୨୬ ତାରିଖ ସକାଳ ୯ଟାରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଲଟେରୀ ଅନୁଷ୍ଠିତ ହେବ। ଆଗ୍ରହୀ ବ୍ୟକ୍ତି ୨୧ ତାରିଖ ଅପରାହ୍ନ ୫ଟା ମଧ୍ୟରେ ଅନଲାଇନ୍ ମାଧ୍ୟମରେ ଜାରି ହୋଇଥିବା ନିୟମାବଳୀ ଅନୁସାରେ ଉଦ୍ଦିଷ୍ଟ ଫର୍ମ ଦ୍ୱାରା ଆବେଦନ କରିପାରିବେ। ପ୍ରତ୍ୟେକ ଦୋକାନ ପାଇଁ ଅଣଫେରସ୍ତ ଯୋଗ୍ୟ ଆବେଦନ ଫି ରୂପେ ୩ ଲକ୍ଷ ଟଙ୍କା ଅନଲାଇନ୍ ମାଧ୍ୟମରେ ଦେୟ କରିବାକୁ ପଡ଼ିବ। ୭୨ଟି ଦୋକାନ ସହର ଓ ଗ୍ରାମାଞ୍ଚଳରେ ପୂର୍ବରୁ ଉଭୟ ସ୍ଥାନ ରହିଛି। ପ୍ରତ୍ୟେକ ଦୋକାନ ପାଇଁ ମାସିକ ସର୍ବନିମ୍ନ ଅବକାରୀ ରାଜସ୍ୱ (ଏମଜିଇଆର) ମୂଲ୍ୟ ନିର୍ଦ୍ଧାରିତ ହୋଇଛି। ଆବେଦନକାରୀଙ୍କ ବୟସ ୨୧ ବର୍ଷ ବା ଅଧିକ ହୋଇଥିବା ସହିତ କୌଣସି ଅଣ ଜାମିନଯୋଗ୍ୟ ଅପରାଧରେ ସେ ଦଣ୍ଡିତ ହୋଇ ନ ଥିବେ। ତତସହିତ ଗତ ୫ ବର୍ଷ ମଧ୍ୟରେ ଅବକାରୀ ନିୟମ ଉଲ୍ଲଙ୍ଘନ କରି ନ ଥିବେ ଓ ଅନ୍ୟ କେତେକ ଅବକାରୀ ଲାଇସେନ୍ସ (ଉତ୍ପାଦନ, ଅନ୍ ସପ୍ ଇତ୍ୟାଦି) ଥିଲେ ଆବେଦନ କରିପାରିବେନାହିଁ। ଆବେଦନ ସହିତ ନିଜର ଆଧାର, ପାନ୍ କାର୍ଡ, ଫଟୋ ଆଦି ଦସ୍ତାବିଜ ଆବଶ୍ୟକ। ପ୍ରଥମେ ଯୋଗ୍ୟ ଆବେଦନକାରୀଙ୍କ ତାଲିକା ପ୍ରକାଶ ପାଇବ। ପରେ ଲଟେରୀ ମାଧ୍ୟମରେ ପ୍ରାଥମିକ ବିଜୟୀଙ୍କ ଦସ୍ତାବିଜ ଯାଞ୍ଚ ହେବ ଓ ନିର୍ଦ୍ଧାରିତ ଅର୍ଥ ଜମା କରିବାକୁ ପଡ଼ିବ। ଲାଇସେନ୍ସ ୫ ବର୍ଷ ପାଇଁ ମିଳିବ। ଏହି ବିଜ୍ଞପ୍ତି ଜିଲ୍ଲାର ସମସ୍ତ ଆବକାରୀ ଅଧିକାରୀ, ବିଡିଓ, ସରପଞ୍ଚ, ପଞ୍ଚାୟତ ସମିତି ଆଦିଙ୍କୁ ପ୍ରଚାର ପାଇଁ ପଠାଯାଇଛି। ଅଧିକ ବିବରଣୀ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବା ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ ବୋଲି ଦର୍ଶାଯାଇଛି।

## ଠାକୁରମୁଣ୍ଡା କଲେଜ ଛାତ୍ରୀ ଅନୁପମା ସଂସ୍କୃତରେ ବିଶ୍ୱବିଦ୍ୟାଳୟ ଟପ୍ପର



ମହୁଲଡିହା, ୮।୫(ସମିସ): ଚଳିତ ବର୍ଷ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରେ +୩ ଶେଷ ବର୍ଷର ଛାତ୍ରୀ ଅନୁପମା ମହାନ୍ତ ଟପ୍ପର ହୋଇଛନ୍ତି। ୧୯୯୪ରେ ସ୍ଥାପିତ ହୋଇଥିବା ଓ ୨୦୦୮ରେ ସଂସ୍କୃତ ସମ୍ମାନ ଖୋଲିଥିବା ଠାକୁରମୁଣ୍ଡା ମା' ବାସୁଳୀ ମହାବିଦ୍ୟାଳୟର ଛାତ୍ରୀ ଥିଲେ ଅନୁପମା। ଏହି କଲେଜ ଛାତ୍ରୀ ସୁଶ୍ରୀ ଅନୁପମା ମହାନ୍ତ ବିଶ୍ୱବିଦ୍ୟାଳୟରୁ ସର୍ବାଧିକ ଶତକଡ଼ା ୮୫.୬୪ ପ୍ରତିଶତ ନମ୍ବର ରଖି ନିଜ ବର୍ଗରେ ବିଶ୍ୱବିଦ୍ୟାଳୟର ଟପ୍ପର ହୋଇ କଲେଜର ମାନ ବୃଦ୍ଧି କରିଛନ୍ତି। ଠାକୁରମୁଣ୍ଡା ନିକଟବର୍ତ୍ତୀ ପଡ଼ୋଶୀ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଗୟଳମୁଣ୍ଡା ପଞ୍ଚାୟତ ଭାଲୁଘରା ଗ୍ରାମର ଏକ ଚାଷୀ ପରିବାରରେ ଅନୁପମାଙ୍କ ଜନ୍ମ। ବାପା ମନୋରଞ୍ଜନ ମହାନ୍ତ ପେଷାରେ ଜଣେ ଚାଷୀ ଓ ମାତା ଭାନୁମତୀ ମହାନ୍ତ ଗୃହିଣୀ। ଏହି ସଫଳତା ପାଇଁ ଅନୁପମା ମହାନ୍ତଙ୍କୁ କଲେଜ ଅଧ୍ୟକ୍ଷ ଡଃ ଅଜୟ ବିଜୟ ନନ୍ଦଶର୍ମା ଶୁଭେଚ୍ଛା ଜଣାଇଛନ୍ତି। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ବାର୍ତ୍ତା ଆସୁଛି। ତେବେ ତାଙ୍କ ସଫଳତା ପଛରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅଜୟ ବିଜୟ ନନ୍ଦଶର୍ମା, ବିଭାଗୀୟ ଅଧ୍ୟାପକ ଡଃ ପ୍ରକାଶ କୁମାର ତ୍ରିପାଠୀ ଓ ଡଃ ମାନସ କୁମାର ଜେନାଙ୍କ ମାର୍ଗଦର୍ଶନ, ଶିକ୍ଷାଦାନ ଶୈଳୀ ଓ ପ୍ରେରଣା, ପିତାମାତା ଓ ଗୁରୁଜନଙ୍କ ଆଶୀର୍ବାଦ ରହିଛି ବୋଲି ଅନୁପମା କହିଛନ୍ତି। କଲେଜର ସମସ୍ତ ବିଭାଗର ଅଧ୍ୟାପକ/ଅଧ୍ୟାପିକା ତଥା ସ୍ଥାନୀୟ ବୁଦ୍ଧିଜୀବୀ ଅନୁପମାଙ୍କ ଉତ୍ତରୋତ୍ତର କାମନା କରିଛନ୍ତି।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କପ୍ତିପଦା, ୮।୫ (ସମିସ): କପ୍ତିପଦା ବ୍ଲକ ଅଧୀନ ଜଡ଼ିଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ ନାୟକ ଅବସର ଗ୍ରହଣ କରିଥିବାବେଳେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କପ୍ତିପଦା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଭାସ୍କର ବେଜ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ସରପଞ୍ଚ ବ୍ରହ୍ମାନନ୍ଦ ଖଣ୍ଡେଇ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ମିନତୀରାଣୀ ଖଣ୍ଡେଇ, ଅନ୍ୟତମ ଅତିଥି ଭାବେ ଜଡ଼ିଦା ସାଧନ ସଂଯୋଜକ ସନ୍ତୋଷ ସାହୁ, ବରିଷ୍ଠ ଅଭିଭାବକ ମଦନମୋହନ ସାହୁ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ ସାହୁ ଯୋଗଦେଇ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ନାୟକଙ୍କ ବିଦ୍ୟାଳୟ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦାୟୀ ଶିକ୍ଷକ ନିଜ ବକ୍ତବ୍ୟରେ ବିଦ୍ୟାଳୟର ଭବିଷ୍ୟତ ଉଜ୍ୱଳ ସମ୍ପର୍କରେ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଦସ୍ୟ ତଥା ଛାତ୍ରଛାତ୍ରୀଙ୍କୁ ଅନେକ ପ୍ରେରଣା ଦେଇଥିଲେ। ଶ୍ରୀ ନାୟକ କପ୍ତିପଦା ବ୍ଲକରେ କୃତୀ ଶିକ୍ଷକ ଭାବେ ଜଣେ ପ୍ରେରଣାର ଉତ୍ସ ଥିଲେ। ତାଙ୍କର ଅନେକ ଛାତ୍ର ଆଜି ବଡ଼ ବଡ଼ ପଦବୀରେ ଅଧିଷ୍ଠିତ। ସହକାରୀ ଶିକ୍ଷକ ବିଦ୍ୟାଧର ବେହେରା, ଅନନ୍ତ ବେହେରା, ପ୍ରଭୁରଞ୍ଜନ ବିଶ୍ୱାଳ, ସଞ୍ଜୀବ କୁମାର ସାହୁ, ଶିକ୍ଷୟିତ୍ରୀ ପ୍ରେମଲତା ବେହେରା, ସାଇବାଣୀ ସୋରେନ, ପରିଚାଳନା କମିଟି ସଦସ୍ୟ ସୋମନାଥ ସିଂ, ରଜନୀରାଣୀ ବିଶ୍ୱାଳ, ସାଇବାଣୀ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ସଞ୍ଜୀବ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଧର ବେହେରା ଧନ୍ୟବାଦ ଦେଇଥିଲେ। ବିଦାୟୀ ଶିକ୍ଷକଙ୍କୁ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ମାନପତ୍ର, ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବାରିପଦାରେ ଆକାଂକ୍ଷା ଆଇଟି ହବ୍ ଉଦ୍‌ଘାଟିତ

ବାରିପଦା, ୮।୫(ସମିସ): ପ୍ରଯୁକ୍ତିବିଦ୍ୟା, ନବୋନ୍ମେଷ ଓ ଦକ୍ଷତା ବିକାଶ ମାଧ୍ୟମରେ ଯୁବ ସଶକ୍ତୀକରଣକୁ ସୁଦୃଢ଼ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଶୁକ୍ରବାର ବାରିପଦାରେ ବହୁ ପ୍ରତିକ୍ଷିତ ଆକାଂକ୍ଷା ଆଇଟି ହବ୍ ଉଦଘାଟିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଏସଡିସି ଅଧ୍ୟକ୍ଷ ଡା. ବୁଦ୍ଧାନ ମୁର୍ମୁ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି, ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସର ସଭାପତି ରୋଟାରିଆନ୍ ନୀରଜ କୁମାର ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ୍ ଓ ଯୁବ ପ୍ରତିଭା ଉପସ୍ଥିତ ଥିଲେ। ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ଆଇଟିଡିଏ, ବାରିପଦାଙ୍କ ତତ୍ତ୍ୱାବଧାନରେ ଏହି ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଉତ୍ତର ଓଡ଼ିଶାର ଏକମାତ୍ର ଷ୍ଟାର୍ଟଅପ୍ 'ଇନଫୋକ୍ରିଏଟିଭ୍ ସର୍ଭିସେସ୍ ପ୍ରାଏଭେଟ୍ ଲିମିଟେଡ୍' ସହାୟତା ପ୍ରଦାନ କରୁଛି, ଯାହାକି ନାସକମ୍ ସହିତ ଫିକି ଓ ସିଆଇଆଇ ଭଳି ପ୍ରତିଷ୍ଠିତ ଜାତୀୟ ଶିଳ୍ପ ସଂସ୍ଥା ସହ ଜଡ଼ିତ। ଏହି ସଂସ୍ଥା ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ମଧ୍ୟ ଏକ ସକ୍ରିୟ ସଦସ୍ୟ। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନେତୃତ୍ୱରେ ଏହି ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଆଧୁନିକ ପ୍ରଯୁକ୍ତିବିଦ୍ୟା, ଡିଜିଟାଲ ଦକ୍ଷତା ଓ ଶିଳ୍ପଭିତ୍ତିକ ପ୍ରଶିକ୍ଷଣ ମାଧ୍ୟମରେ ଆଦିବାସୀ ଓ ଗ୍ରାମାଞ୍ଚଳର ଯୁବକ/ଯୁବତୀଙ୍କୁ ସଶକ୍ତ କରିବା ପାଇଁ 'ଆକାଂକ୍ଷା' ଏକ ପରିବର୍ତ୍ତନକାରୀ ପ୍ଲାଟଫର୍ମ ହେବ ବୋଲି ସେ ପରିକଳ୍ପନା କରିଥିଲେ।



ବାରିପଦା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା, ଆଇଟିଡିଏ ଟିମ୍ ଓ କର୍ମଚାରୀଙ୍କ ମିଳିତ ସହଯୋଗରେ ଏହି ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକାରୀ ହୋଇଛି ।ଳ ଉଦ୍ୟୋଗୀ ତଥା ଶିଳ୍ପ ନେତୃତ୍ୱ ଇଂ ସୌମ୍ୟରଞ୍ଜନ ମିଶ୍ର ଏହି କାର୍ଯ୍ୟକ୍ରମର ସମନ୍ୱୟ ରକ୍ଷା କରୁଛନ୍ତି। ଆକାଂକ୍ଷା ଦ୍ୱାରା ମୟୂରଭଞ୍ଜର ଯୁବପିଢ଼ିଙ୍କୁ ଶିଳ୍ପଭିତ୍ତିକ ଡିଜିଟାଲ୍ ଦକ୍ଷତା, ନୂତନ ପ୍ରଯୁକ୍ତିବିଦ୍ୟା ସହ ପରିଚିତ କରାଇବା, ନବୋନ୍ମେଷଭିତ୍ତିକ ଶିକ୍ଷା, ଉଦ୍ୟୋଗ ବିକାଶ ଓ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଏହି ହବ୍‌ର ମୂଳ ଲକ୍ଷ୍ୟ। ଏହା ପାରମ୍ପରିକ ଶିକ୍ଷା ଓ ଆଧୁନିକ ଶିଳ୍ପର ଆବଶ୍ୟକତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାରେ ସହାୟକ ହେବ। ବର୍ତ୍ତମାନ ଜିଲ୍ଲାର ପ୍ରମୁଖ ଶିକ୍ଷାନୁଷ୍ଠାନ ଯଥା ଏମଏସସିବି ବିଶ୍ୱବିଦ୍ୟାଳୟ, ସୀମାନ୍ତ ଇଞ୍ଜିନିୟରିଂ କଲେଜ ଓ ଏମପିସି ସ୍ୱୟଂଶାସିତ କଲେଜର ଛାତ୍ରଛାତ୍ରୀ ଏଠାରେ ପ୍ରଶିକ୍ଷଣ ନେଉଛନ୍ତି ଓ ସେମାନଙ୍କୁ ବିଭିନ୍ନ ରାଜ୍ୟ ଓ ଜାତୀୟସ୍ତରୀୟ କମ୍ପାନୀରେ ନିଯୁକ୍ତି ପାଇଁ ପ୍ରସ୍ତୁତ କରାଯାଉଛି।

ଅଭିଜ୍ଞ ଶିଳ୍ପ ବିଶେଷଜ୍ଞ, କର୍ପୋରେଟ୍ ପ୍ରଫେସନାଲ୍ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରାଯାଉଛି। ଏହି ମିଳିତ ପ୍ରୟାସ ଓଡ଼ିଶାର ଆଦିବାସୀ ଓ ଗ୍ରାମାଞ୍ଚଳରୁ ଏକ ଦକ୍ଷ ଓ କୁଶଳୀ ଯୁବକୋଷ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଜିଲ୍ଲା ପ୍ରଶାସନ ଓ ଏକ ଜାତୀୟ ସ୍ତରର ମାନ୍ୟତାପ୍ରାପ୍ତ ଟେକ୍ନୋଲୋଜି ଷ୍ଟାର୍ଟଅପ୍ ମଧ୍ୟରେ ଏଭଳି ସହଯୋଗ ଓଡ଼ିଶାରେ ପ୍ରଥମ ବୋଲି କୁହାଯାଉଛି। ଏହା କେବଳ ଏକ ଆଇଟି ପ୍ରଶିକ୍ଷଣ କେନ୍ଦ୍ର ନୁହେଁ, ବରଂ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଆତ୍ମନିର୍ଭରଶୀଳତା ସୃଷ୍ଟି କରିବାର ଏକ ଆନ୍ଦୋଳନ। ଏହି ହବ୍ ଅଞ୍ଚଳର ଆର୍ଥିକ ଓ ସାମାଜିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ମୟୂରଭଞ୍ଜକୁ ପ୍ରଯୁକ୍ତିବିଦ୍ୟାର ଏକ ନୂତନ କେନ୍ଦ୍ର ଭାବେ ଗଢ଼ିତୋଳିବ।

● ମାଇନିଂ ବିଭାଗର ଅଚାନକ ଚଢ଼ଉ

# ୧୬ ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍

ରାସଗୋବିନ୍ଦପୁର, ୮।୫(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଅଞ୍ଚଳରେ ମାଇନିଂ ବିଭାଗ ପକ୍ଷରୁ ଅଚାନକ ଚଢ଼ଉ କରାଯାଇଥିବା ଜଣାପଡ଼ିଛି। ବେଆଇନ ବାଲି ଓ ଖଣିଜ ସମ୍ପଦ ଉତ୍ତୋଳନ ଓ ପରିବହନ ଅଭିଯୋଗରେ ଏହି ଚଢ଼ଉ ହୋଇଥିବା ସୂଚନା ମିଳିଛି। ମାଇନିଂ ଅଧିକାରୀ ଭବାନୀ ଶଙ୍କର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ଟିମ ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଅନିୟମିତତା ଅଭିଯୋଗରେ ୧୬ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଚାନ୍ଦ୍ରାୟ ହେମ୍ବ୍ରମ, ବଡ଼ ଚାନ୍ଦ୍ରୟ ମାଝୀ, ମହନ ମାଝୀ, ତ୍ରିଲୋଚନ ମାଝୀ, ଭଗୀରଥ ବେହେରା, ରାମଦାସ ମୁର୍ମୁ, ଜୁଝାର ମାଝୀ, ରଘୁଆ ମାଝୀ, ମଞ୍ଜୁଲତା ସାହୁ, ଲୁପି ମାଝୀ, ନରହରି ପାତ୍ର, ହାଡିବନ୍ଧୁ ଦାସ, ସୁରେନ୍ଦ୍ର ନାଥ ସାହୁ, ରାମ ମାଝୀ, ଦୁମା ମାଝୀ ଓ ଗୁରୁଭା ମାଝୀଙ୍କୁ ନୋଟିସ୍ ହୋଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ମଧ୍ୟ ବେଆଇନ ଖଣିଜ ଉତ୍ତୋଳନ ଓ ପରିବହନ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି।

# ଛେଳି ଚୋରକୁ ଧରି ପୁଲିସ ଜିମାଦେଲେ ଗ୍ରାମବାସୀ



ମୋରଡା,୮।୫(ସମିସ): ମୋରଡା ଥାନା ତଥା ଚିତ୍ରଡା ଫାଣ୍ଡି ଅଞ୍ଚଳରେ ଦୁଇଜଣ ଯୁବକ ଛେଳି ଚୋରି କରି ନେଉଥିବା ସମୟରେ ସ୍ଥାନୀୟ ଲୋକେ ଉକ୍ତ ଦୁଇ ଚୋରକୁ ଧରି ଫାଣ୍ଡିରେ ଜିମା ଦେଇଛନ୍ତି। ଉକ୍ତ ଫାଣ୍ଡି ଅଧୀନ ଉଲିଡିହି ନୂଆସାହିର ଏକ ଜାଗାରେ କିଛି ଛେଳି ଚରୁଥିବା ସମୟରେ ହାଣ୍ଡିଭଙ୍ଗା ଗ୍ରାମର ଘଲଟୁ ନାଏକ ଓ ତାଙ୍କ ପୁତୁରା ବାଇକରେ ଆସି ଗୋଟିଏ ଛେଳିକୁ ନେଇ ପଳାଇଥିଲେ। ସ୍ଥାନୀୟ ଲୋକେ ଏମାନଙ୍କୁ ପିଛା କରି ଚିତ୍ରଡା ବଜାରରେ କାବୁ କରି ବାନ୍ଧି ପକାଇଥିଲେ ଓ ପୁଲିସକୁ ଖବର ଦେଇଥିଲେ। ପୁଲିସ ଦୁଇ ଜଣଙ୍କୁ ଫାଣ୍ଡିକୁ ନେଇଥିବା ଥାନା ଅଧିକାରୀ ସୁମିତ କୁମାର ସରେନ ପ୍ରକାଶ କରିଛନ୍ତି।

● କରଞ୍ଜିଆରେ ବୃଦ୍ଧି ପାଉଛି ଚୋରି

# ଦୁଇଟି ଘରୁ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍

ରାଇରଙ୍ଗପୁର/କରଞ୍ଜିଆ,୮।୫ (ସମିସ): କରଞ୍ଜିଆ ଥାନା ଅଞ୍ଚଳରେ କିଛି ଦିନର ବ୍ୟବଧାନ ପରେ ଚୋରି ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଦୁର୍ବୃତ୍ତ ଗୋଟିଏ ଦିନରେ ଦୁଇଟି ଘରୁ କଳା କନା ବୁଲାଇଛନ୍ତି। ଲୋକଙ୍କ ଅନୁପସ୍ଥିତିରେ ଘର ତାଲା ଭାଙ୍ଗି ଟଙ୍କା ଓ ସୁନା ଅଳଙ୍କାର ଚୋରି କରିଛନ୍ତି। ଘୋଷଦା ଅଞ୍ଚଳର ନିର୍ମଳ ପାତ୍ର ଘର ଲୋକଙ୍କ ସହ କେନ୍ଦୁଝରେ ଯାଇଥିଲେ। ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଦିବାଲୋକରେ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ସେ ଘରକୁ ଫେରି ସମ୍ମୁଖ କବାଟ ତାଲା ଭଙ୍ଗା ଥିବା ଦେଖିଥିଲେ। ଆଲମାରୀ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ୧୦,୦୦୦ ଟଙ୍କା ଓ ଜରୁରୀ କାଗଜପତ୍ର ଆଦି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ ଓ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଚିତ୍ରପୋଷି ଅଞ୍ଚଳର ଚନ୍ଦନା ଗିରିଙ୍କ ଘରୁ ଚୋରି ହୋଇଛି। ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଘର ତାଲା ଭାଙ୍ଗି ଘରେ ଥିବା ୫୦,୦୦୦ ଟଙ୍କା ଓ ସୁନା ଅଳଙ୍କାର ଆଦି ଚୋରି କରିଛନ୍ତି। ଚୋରି ଅଳଙ୍କାରର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଅଧିକ ହେବ। ସେ ଘରକୁ ଫେରି ଘଟଣା ବାବଦରେ ଜାଣି କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଦୁଇଟି ମାମଲାରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ବଲାଙ୍ଗିର ଟ୍ରାଞ୍ଜିଟ୍‌ରେ ଖସିଲା ଗିରିଗାଁ ବାଲି

● ମାଇନିଂ ଅଧିକାରୀଙ୍କ ଯାଞ୍ଚ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ?

ହାଟଡ଼ିହୀ,୮।୫(ସମିସ): ବଲାଙ୍ଗିର ଜିଲ୍ଲାର ଟ୍ରାଞ୍ଜିଟ୍ ପାସ୍ ଦେଖାଇ ଖସିଗଲା ଗିରିଗାଁ ବାଲିଘାଟରୁ ବାଲି ଚାଲାଣ କରୁଥିବା ହାଇୱା। ହାଟଡ଼ିହୀ ତହସିଲ ଅଧୀନସ୍ଥ ଗିରିଗାଁ ବାଲିଘାଟଟି ଦୀର୍ଘଦିନ ହେବ ବନ୍ଦ ପଡ଼ିଥିଲା। ଗତ ଆଠଦିନ ପୂର୍ବରୁ ଏଠାରୁ ବାଲି ଉତ୍ତୋଳନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସରକାରୀ ସ୍ତରରୁ ମଞ୍ଜୁରୀ ପାଇ ବାଲି ଉତ୍ତୋଳନ ପ୍ରକ୍ରିୟା ଆରମ୍ଭ ହୋଇଥିବା ନେଇ କୁହାଯାଇଥିବା ବେଳେ ଗତ ୨ତାରିଖ ବିଳମ୍ବିତ ରାତିରେ ଜିଲ୍ଲା ଏବଂ ଉପଖଣ୍ଡ ମାଇନିଂ ବିଭାଗ ଦ୍ୱାରା ଗିରିଗାଁ ଘାଟରେ ଅତର୍କିତ ଚଢ଼ଉ ହୋଇଥିଲା। ଚଢ଼ଉ ଖବର ପାଇ ବାଲି ଉତ୍ତୋଳନରେ ବ୍ୟବହୃତ ମେସିନ୍‌ଗୁଡ଼ିକୁ ଅନ୍ୟତ୍ର ଲୁଚାଇ ଦିଆଯାଇଥିଲା। ଯାହାକି, କୌଣସି ଉପାୟ ନପାଇ ମାଇନିଂ ବିଭାଗ ମେସିନ୍ ଜବତ୍ କରିବା ପରିବର୍ତ୍ତେ ଘାଟ ମୁହଁରେ ଠିଆ ହୋଇଥିବା ୫ଟି ହାଇୱା ଗାଡ଼ିକୁ ଜବତ କରି ନନ୍ଦିପଦା ଥାନାରେ ଜିମା ଦେଇଥିଲା। ଟ୍ରାଞ୍ଜିଟ୍ ନଥିବା ଗାଡ଼ିଗୁଡ଼ିକ ନାମରେ ମାଇନିଂ ବିଭାଗ ପକ୍ଷରୁ କେସ୍ ଦିଆଯାଇଥିଲା। ସେଥିରୁ ଗୋଟିଏ ହାଇୱା ଗାଡ଼ିକୁ ୪ଦିନ ପରେ ଛାଡ଼ି ଦିଆଯାଇଛି। ଗାଡ଼ିଗୁଡ଼ିକୁ ଜବତ କରିଥିବା ମାଇନିଂ ବିଭାଗର କନିଷ୍ଠ ଅଧିକାରୀଙ୍କୁ ପଚାରିବାରେ, ଉକ୍ତ ଗାଡ଼ି ବଲାଙ୍ଗିର ଟ୍ରାଞ୍ଜିଟ୍ ଦର୍ଶାଇବା ସହ କେବଳ ଭୁଲ୍ ରାସ୍ତାରେ ଯାଇଥିବାରୁ ୩୦ହଜାର ଟଙ୍କାର ଜରିମାନା ଦେଇ ଛାଡ଼ି ଦିଆଗଲା ବୋଲି କହିଛନ୍ତି। ସେପଟେ ଉକ୍ତ ଜବତ୍ ଗାଡ଼ିଗୁଡ଼ିକ ଗିରିଗାଁ ଘାଟରୁ ବାଲି ଆଣୁଥିବା ନେଇ ସ୍ଥାନୀୟ ଅଞ୍ଚଳର ଲୋକେ କହିଛନ୍ତି। କେନ୍ଦୁଝର ଜିଲ୍ଲାର ଲଘୁଖଣିଜ ସାମଗ୍ରୀ ଲୁଟ୍ ହୋଇ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଥିବା ବେଳେ, ଟ୍ରାଞ୍ଜିଟ୍ ମାଧ୍ୟମରେ ବଲାଙ୍ଗିର ଜିଲ୍ଲାକୁ ରାଜସ୍ୱ ଅର୍ଥ ଯାଉଛି। ତେବେ, ପ୍ରଚ୍ଛଦପଟରେ ଏସବୁ ବେଆଇନ୍ କାର୍ଯ୍ୟରେ କଉଠି ନା କଉଠି ଖଣି ବିଭାଗ ହିଁ ଦାୟୀ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି। ଏଭଳି ସରକାରୀ କାର୍ଯ୍ୟର ଅନିୟମିତତା ଉପରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

# ଟିପିଏନ୍‌ଓଡିଏଲ୍‌ର ଦେଉଳି ପିଏସ୍‌ଏସ୍ ଲୋକାର୍ପିତ

ବାରିପଦା/ଶୁଳିଆପଦା, ୮।୫(ସମିସ): ଶୁଳିଆପଦା ବ୍ଲକ୍ ଅନ୍ତର୍ଗତ ଦେଉଳି, ଚୁହାଟ, କାଣିମହୁଲି, ନୂଆଗାଁ, ଝାଲିଆମରା, ଅଁଳାକୁଡ଼ା ଆଦି ପଞ୍ଚାୟତବାସୀଙ୍କୁ ଏଣିକି ମିଳିବ ଅଧିକ ନିର୍ଭରଯୋଗ୍ୟ ତଥା ନିରବଚ୍ଛିନ୍ନ ବିଜୁଳି ସେବା। ଉପକୃତ ହେବେ ୧୫ ହଜାରରୁ ଅଧିକ ପରିବାର। ଟାଟା ପାୱାର ଓ ଓଡିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ଦେଉଳିଠାରେ ନିର୍ମିତ ୧୦ ଏମଭିଏ ବିଶିଷ୍ଟ ନୂତନ ୩୩/୧୧ କେଭି ପ୍ରାଥମିକ ସବ୍‌ଷ୍ଟେସନ ଶନିବାର ଉଦ୍‌ଘାଟିତ ହୋଇଛି। ଆଭାସୀ ମାଧ୍ୟମରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି, ରାଜ୍ୟବାସୀଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ପାଇଁ ସରକାର ସର୍ବଦା ଯତ୍ନଶୀଳ ଓ ପ୍ରତିଶ୍ରୁତିବଦ୍ଧ। ବିଦ୍ୟୁତ୍ ଭିତ୍ତିଭୂମି କ୍ଷେତ୍ରରେ ପୂର୍ବ ଅପେକ୍ଷା ଅନେକ ସୁଧାର ଆସିଛି। ଆଗକୁ ମଧ୍ୟ ଏହି ପ୍ରକ୍ରିୟା ଜାରି ରହିବ। ଏଥିସହ ମୟୂରଭଞ୍ଜରେ ଖୁବଶୀଘ୍ର ମୋରଡା ଓ ବାଙ୍ଗିରିପୋଷିରେ ନବନିର୍ମିତ ଗ୍ରୀଡ୍ ଲୋକାର୍ପଣ ହେବ ବୋଲି ସେ ସୂଚନା ଦେଇଥିଲେ। ସେହିପରି ସରକାରଙ୍କ ପିଏମ ସୂର୍ଯ୍ୟଘର ବିଜୁଳି ଯୋଜନାର ଲାଭ ଉଠାଇବା ପାଇଁ ଉପଭୋକ୍ତାଙ୍କୁ ସେ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇ ଗୁଣାତ୍ମକ ବିଜୁଳି ସେବାର ମୌଳିକ ଅବଶ୍ୟକତା ସମ୍ପର୍କରେ



ଆଲୋକପାତ କରିବା ସହ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ହେଉଛି ଗ୍ରାମୀଣ ବିକାଶର ମେରୁଦଣ୍ଡ। ଏହି ସବଷ୍ଟେସନ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଉନ୍ନତ ଓ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ପ୍ରଦାନ କରିବା ସହ ଏହି ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା ନିର୍ବାହ କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି କହିଥିଲେ। ଏ ଅବସରରେ ଟିପିଏନଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ ଉପଭୋକ୍ତାଙ୍କ ସ୍ୱାର୍ଥ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଇ କହିଥିଲେ ଯେ, ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ଆମର ସର୍ବୋଚ୍ଚ ପ୍ରାଥମିକତା ଅଟେ। ଉପଭୋକ୍ତାଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏ ଦିଗରେ ଆମର କର୍ତ୍ତବ୍ୟନିଷ୍ଠ କର୍ମଚାରୀ ସର୍ବଦା ପ୍ରୟାସରତ। ବିଦ୍ୟୁତ୍ ଚାହିଦା ପୂରଣ ଓ ସ୍ଥାନୀୟ ଅଞ୍ଚଳରେ ନିର୍ଭରଯୋଗ୍ୟ ସେବା ଯୋଗାଇବା ପାଇଁ ଦେଉଳି ପିଏସଏସ କାର୍ଯ୍ୟକ୍ଷମ ହେବା ଟିପିଏନଓଡିଏଲ ପାଇଁ ଏକ ମାଇଲଖୁଣ୍ଟ ସଦୃଶ। ଏହି କାର୍ଯ୍ୟକ୍ରମରେ ବୈଶିଙ୍ଗାର ପୂର୍ବତନ ବିଧାୟକ କାନ୍ହା ସୋରେନ, ଟିପିଏନଓଡିଏଲର ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ବାରିପଦା ବୈଦ୍ୟୁତିକ ମଣ୍ଡଳ ଅଧୀକ୍ଷଣ ଯନ୍ତ୍ରୀ ଦେବଦତ୍ତ ପଣ୍ଡାଙ୍କ ସମେତ ଟିପିଏନଓଡିଏଲର ବରିଷ୍ଠ କର୍ମଚାରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

■ ଏନଆଇଇଏଲଆଇଟି କର୍ତ୍ତୃପକ୍ଷଙ୍କ ମନମାନୀ

# କମ୍ପ୍ୟୁଟର ପରୀକ୍ଷା ବାତିଲ, ପରୀକ୍ଷାର୍ଥୀଙ୍କ ଅସନ୍ତୋଷ

ବାରିପଦା, ୮।୫(ସମିସ):




କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ରାଷ୍ଟ୍ରୀୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ପ୍ରତିଷ୍ଠାନ ଦିଲ୍ଲୀ ଆନୁକୂଲ୍ୟରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଶୁକ୍ରବାର ସ୍ଥାନୀୟ ଦେବେନ୍ଦ୍ରପୁରଠାରେ ଅନୁଷ୍ଠିତ ହେବାକୁ ଥିବା ଏନଆଇଇଏଲଆଇଟି ସିସିସି କମ୍ପ୍ୟୁଟର ପରୀକ୍ଷା ବିନା କୌଣସି ପ୍ରାକ ସୂଚନାରେ ବାତିଲକୁ ନେଇ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଖରାରେ ଜିଲ୍ଲାର ଦୂରଦୂରାନ୍ତରୁ ଆସିଥିବା ୫୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇ ନିରାଶରେ ଫେରିଛନ୍ତି। ଏନଆଇଇଏଲଆଇଟି ପକ୍ଷରୁ ଫେବୃଆରୀରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ପରୀକ୍ଷାକୁ ସଂସ୍ଥା ତରଫରୁ ମନଇଚ୍ଛା ଘୁଞ୍ଚାଇ ୮ ମଇ ୨୦୨୬ରେ ହେବ ବୋଲି ପରୀକ୍ଷାର୍ଥୀଙ୍କୁ ମାତ୍ର ଦୁଇଦିନ ପୂର୍ବରୁ ମେସେଜ ଓ ଆଡମିଟ କାର୍ଡ ଆସିଥିଲା। ମାତ୍ର ପରୀକ୍ଷା କେନ୍ଦ୍ର ଗାୟତ୍ରୀ ଏଜୁକେସନଲ ଟ୍ରଷ୍ଟରେ ପହଁଚିବା ପରେ ଶେଷ ମୁହୂର୍ତ୍ତରେ ପରୀକ୍ଷା ବାତିଲ ହୋଇଥିବା ଖବର ଶୁଣି ପରୀକ୍ଷାର୍ଥୀ ଏବଂ ଅଭିଭାବକ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ଏ ସମ୍ପର୍କରେ ସଂସ୍ଥାର ଭୁବନେଶ୍ୱର ଏବଂ ଦିଲ୍ଲୀ ସ୍ଥିତ କାର୍ଯ୍ୟାଳୟକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେଠାକାର ଅଧିକାରୀମାନେ କୌଣସି ସନ୍ତୋଷଜନକ ଉତ୍ତର ନଦେଇ ଅତ୍ୟନ୍ତ ଦାୟିତ୍ୱହୀନ ମନ୍ତବ୍ୟମାନ ଦେଇଥିଲେ। ଫଳରେ ପରୀକ୍ଷା କେନ୍ଦ୍ରରେ କିଛି କ୍ଷଣ ଉତ୍ତେଜନା ଦେଖା ଦେଇଥିଲା। ଶେଷରେ ପରୀକ୍ଷା କେନ୍ଦ୍ର ଗାୟତ୍ରୀ ନିର୍ଦ୍ଦେଶକ ଆସି ଅତିଶୀଘ୍ର ଏନଆଇଇଏଲଆଇଟି"କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ପୁଣିଥରେ ପରୀକ୍ଷା କରାଇବାକୁ ପ୍ରତିଶୃତି ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। "ସୂଚନା ଯୋଗ୍ୟ ଯେ, ଏବେ ସମସ୍ତ ନିଯୁକ୍ତି କ୍ଷେତ୍ରରେ କେବଳ ସରକାରୀ ସ୍ୱୀକୃତି ପ୍ରାପ୍ତ କମ୍ପ୍ୟୁଟର ଶିକ୍ଷା ପ୍ରମାଣପତ୍ର ଗ୍ରହଣ କରାଯାଉଥିବାରୁ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଏହି ସଂସ୍ଥାର ଲଗାତାର ଚରମ ଅବହେଳା ଦେଖିବାକୁ ମିଳୁଛି। ଖୋଦ କେନ୍ଦ୍ର ସୂଚନା ଏବଂ ପ୍ରୌଦ୍ୟୋଗିକ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାରୁ ନିର୍ବାଚିତ ହୋଇ ଥିବାରୁ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ କମ୍ପ୍ୟୁଟର ଶିକ୍ଷାରେ ଏଭଳି ଅବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ମହଲରୁ ଅନୁରୋଧ କରାଯାଇଛି।

# ଏଟିଏମ୍ କାର୍ଡ ବଦଳାଇ ବୃଦ୍ଧଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଣ

ରାଇରଙ୍ଗପୁର/କରଞ୍ଜିଆ,୮।୫(ସମିସ): ବୃଦ୍ଧଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅଜାଣତରେ ଟଙ୍କା ଉଠାଣ ହୋଇଛି। ଏ ନେଇ ରୋଢ଼ଙ୍ଗ ଅଞ୍ଚଳର ଫକୀରମୋହନ ସେଠୀ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ସେ ଏଟିଏମକୁ ଟଙ୍କା ଉଠାଣ ପାଇଁ ଯାଇଥିଲେ। ତାଙ୍କ ଏଟିଏମ କାର୍ଡରୁ ଟଙ୍କା ଉଠି ନ ଥିଲା। ପାଖରେ ଥିବା ଜଣେ ବ୍ୟକ୍ତିଙ୍କ ସହାୟତା ମାଗିଥିଲେ। ସେ ଟଙ୍କା ଉଠାଣ କରିବା ପରିବର୍ତ୍ତେ ତାଙ୍କ ଏଟିଏମ କାର୍ଡକୁ ବଦଳ କରି ଅନ୍ୟଏକ କାର୍ଡ ପ୍ରଦାନ କରିଥିଲେ। ସେ ଘଟଣା ବାବଦରେ ଜାଣିପାରି ନ ଥିଲେ। ପରେ ବ୍ୟାଙ୍କକୁ ଟଙ୍କା ଉଠାଣ ନିମନ୍ତେ ଯିବା ବେଳକୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ତାଙ୍କ ଅଜାଣତରେ ୪୦,୦୦୦ ଟଙ୍କା ଉଠିଥିବା ଜାଣିବାକୁ ପାଇଥିଲେ। ବ୍ୟକ୍ତି ଜଣକ ଏଟିଏମ ଚୋରି କରି ତାଙ୍କ ଅଜାଣତରେ ଟଙ୍କା ଚୋରି କରିଛନ୍ତି। ଘଟଣା ବାବଦରେ ଜାଣିବା ପରେ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# 'ଅପେରସନ ସିନ୍ଦୂର'ର ସ୍ମୃତି ଦିବସ

ଆନନ୍ଦପୁର, ୮।୫ (ସମିସ): ଘସିପୁରା ବ୍ଲକ ସାଇଁକୁଳଠାରେ ଅବସରପ୍ରାପ୍ତ ସେନା ଅଧିକାରୀ ସନ୍ତୋଷ ସ୍ୱାଇଁଙ୍କ ସଭାପତିତ୍ୱରେ 'ଅପେରସନ ସିନ୍ଦୂର'ର ସ୍ମୃତି ଦିବସ ପାଳିତ ହୋଇଯାଇଛି। ବୀରଗତି ହୋଇଥିବା ଭାରତୀୟ ସେନାଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ସଭା ଆୟୋଜନ ହୋଇଥିଲା। ପ୍ରାରମ୍ଭରେ ଦୁଇ ମିନଟର ନିରବ ପ୍ରାର୍ଥନା ପରେ ସହିଦ ହୋଇଥିବା ଦେଶର ଯବାନ ଭାଇମାନଙ୍କ ଉଦ୍ଦେଶ୍ୟରେ ଗାଁ ମନ୍ଦିରରେ ଦୀପ ଜାଳି ଆତ୍ମାର ସଦଗତି କାମନା କରାଯାଇଥିଲା। କିପରି ଭାବେ ଅପେରସନ ସିନ୍ଦୂର ଲଢ଼େଇରେ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା ସେ ବିଷୟରେ ଶ୍ରୀ ସ୍ୱାଇଁ ବକ୍ତବ୍ୟ ରଖିଥିଲେ। ଉପସ୍ଥିତ ଛୋଟ ଛୋଟ ପିଲାଙ୍କ ଭାରତ ମାତାକି ଜୈ ଓ ବନ୍ଦେ ମାତରଂ ଧ୍ୱନିରେ ସାରା ଅଞ୍ଚଳ କମ୍ପି ଉଠିଥିଲା। ଭଗିନୀ ଲିପଞ୍ଜଳି ଜେନା ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ସ୍ପଞ୍ଜ ଆଇରନ କାରଖାନା କର୍ମଚାରୀଙ୍କ ସୁରକ୍ଷା ନେଇ ପ୍ରଶ୍ନ

କେନ୍ଦୁଝର, ୮।୫ (ସମିସ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପଳାଶପଙ୍ଗାସ୍ଥିତ ଓଡ଼ିଶା ସ୍ପଞ୍ଜ ଆଇରନ କାରଖାନାରେ କର୍ମଚାରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୁରକ୍ଷାରେ ଅବହେଳା ଯୋଗୁଁ ଅନେକ ସମୟରେ କାରଖାନାରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଗତ ଏପ୍ରିଲ ୨୪ ତାରିଖ ଅପରାହ୍ନ ୪ଟା ୩୦ରେ କାମ ଡିଆର୍‌ଆଇ କିଲ୍‌ନରେ କାମ କରୁଥିବାବେଳେ ରୋହିତ କୁମାର ମହାନ୍ତ ୧୨ ଫୁଟ ଉଚ୍ଚରୁ ଖସି ପଡ଼ି ଗୁରୁତର ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ ଏବଂ ଅଣ୍ଟାରେ ଗୁରୁତର ଆଘାତ ଲାଗିଥିଲା। ରୋହିତ ଫିଟର ଭାବେ କାମ କରୁଥିବାବେଳେ ତାଙ୍କ ବାପା ଉପେନ୍ଦ୍ର ମହାନ୍ତ ଏବଂ ଘର ସରାସକେଲା ଗ୍ରାମରେ ବୋଲି ଜଣାପଡିଛି। ତାଙ୍କୁ ପ୍ରଥମେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଅବସ୍ଥା ଗୁରୁତର ହେବାରୁ ଅଶ୍ୱିନୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମେକାନିକାଲ ବିଭାଗରେ ମେଟେନାନ୍ସ କାମରେ ରୋହିତ(୩୨) କାମ କରୁଥିବାବେଳେ କାମ କରିବା ପ୍ରଣାଳୀରେ ତ୍ରୁଟି ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଘଟଣାକୁ କାରଖାନା କର୍ତ୍ତୃପକ୍ଷ ଲୁଚାଇବାକୁ ଉଦ୍ୟମ କରୁଥିବା ଆଲୋଚନା ହେଉଛି। ଏନେଇ ସଦର ଥାନାଧିକାରୀ ଅମିତ କୁମାର ଭୂୟାଁଙ୍କୁ ପଚରିବାରୁ ତାଙ୍କ ନିକଟରେ କୌଣସି ସୂଚନା ନଥିବା ଏବଂ କାରଖାନା ଫାକ୍ଟ୍ରି ମ୍ୟାନେଜର କାରଖାନା ପରିସରରେ ଦୁର୍ଘଟଣା ନେଇ କୌଣସି ସୂଚନା ଦେଇ ନଥିବା ପ୍ରକାଶ କରିଛନ୍ତି। ପୁଲିସ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଅକ୍ୟୁପାୟର ଆଶିଷ ସକ୍ସେନା ଏବଂ ଫାକ୍ଟ୍ରି ମ୍ୟାନେଜର ପ୍ରିୟବ୍ରତ ଜେନାଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଆଲୁମିନିୟମ ତାର ଚୋରି; ଯୁବକ ଗିରଫ

ତୁରୁମୁଙ୍ଗା, ୮।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା କପୁଣ୍ଡି ଗ୍ରାମ ରୁଗୁଡ଼ିଭାଡି ସାହି ବୈତରଣୀ ନଦୀକୂଳରେ ଉଠା ଜଳସେଚନକୁ ସଂଯୋଗ କରାଯାଇଥିବା ୧୧ କେଭି ଆଲୁମିନିୟମ ତାରକୁ ଗୁରୁବାର ରାତିରେ ଜଣେ ୧୬ ବର୍ଷ ନାବାଳକ ଚୋରି କରିନେବା ବେଳେ ପୁଲିସ ତାକୁ ଧରିବାକୁ ସକ୍ଷମ ହୋଇଛି। ତାଙ୍କଠାରୁ ପୁଲିସ ୧୫, କିଲୋ ଆଲୁମିନିୟମ ତା'ର ଜବତ କରିଛି। ଶୁକ୍ରବାର ଉକ୍ତ ନାବାଳକ ଆଲୁମିନିୟମ ତାର ସହ ଧାନ ବେଣୀ ମକର ମେଳା ପଡିଆରେ ବସିଥିବା ବେଳେ ଗାଁଲୋକେ ତାଙ୍କୁ ଧରି ପୁଲିସ ଜିମା ଦେଇଥିଲେ। ନୂତନ ଭାବେ ତାର ଟଣାଯାଇଥିବା ଖୁଣ୍ଟରେ ଚଢ଼ି ନାବାଳକ ଜଣକ ଏକୁଟିଆ ଏହି କାର୍ଯ୍ୟ କରିଥିବା ସମ୍ଭବ ନୁହଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାର ଏକ ଗ୍ୟାଙ୍ଗର କାର୍ଯ୍ୟ ଏଣୁ ନାବାଳକଙ୍କୁ ପୋଲିସ ନଛାଡ଼ି ଅଧିକ ତଦନ୍ତ କରାଇବାକୁ କପୁଣ୍ଡି ଗ୍ରାମର ଚାଷୀ ମାନେ ଦାବି କରିଛନ୍ତି। ଏନେଇ ପାଟଣା ଥାନାରେ ୧୮୫/୨୬ରେ ଏକ ମାମଲା ହୋଉଥିବା ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ କହିଛନ୍ତି।

# ମୟୂରଭଞ୍ଜ ଜିଲ୍ଲାରେ ନାକା ଚେକିଂ

ବାରିପଦା, ୮।୫(ସମିସ): ମୟୂରଭଞ୍ଜ ଜିଲ୍ଲା ପୁଲିସ୍ ପକ୍ଷରୁ ଟ୍ରାଫିକ୍ ନିୟମ କଠୋରତାର ସହିତ ଲାଗୁ କରିବା ଓ ବିଭିନ୍ନ ପ୍ରକାରର ଅବୈଧ କାର୍ଯ୍ୟକଳାପ ରୋକିବା ପାଇଁ ରାତିରେ ବ୍ୟାପକ ନାକା ଚେକିଂ କରାଯାଇଛି। ଜିଲ୍ଲାର ବିଭିନ୍ନ ଥାନା ପୁଲିସ୍ ଦ୍ୱାରା ସନ୍ଧ୍ୟା ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ନିଜ ନିଜ ଅଞ୍ଚଳରେ ନାକା ବ୍ଲକିଂ କରାଯାଇଥିଲା। ଏହି ଚେକିଂ ସମୟରେ ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ, ଗୋ-ପଶୁ ଅବୈଧ ପରିବହନ, ଖଣିଜ ସାମଗ୍ରୀର ଅବୈଧ ପରିବହନ, ମଦ ଓ ନିଷିଦ୍ଧ ଦ୍ରବ୍ୟ ପରିବହନ ଏବଂ ଅସାମାଜିକ ତତ୍ପରତା ଉପରେ ନଜର ରଖାଯାଇଥିଲା। ୩୨୦ଟି ଯାନବାହନ ଯାଞ୍ଚ କରାଯାଇ ୫, ୭୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ନିଶାଶକ୍ତ ଅବସ୍ଥାରେ ଗାଡ଼ି ଚଳାଇବା ନେଇ ୬ଟି ମାମଲା ରୁଜୁ ହୋଇଥିବାବେଳେ ଗୋଟିଏ ଅବକାରୀ ମାମଲା ରୁଜୁ ହୋଇଛି। ମୟୂରଭଞ୍ଜ ଜିଲ୍ଲା ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ସୂଚନା ଅନୁସାରେ ଏପରି ନିୟମିତ ନାକା ଚେକିଂ ଜାରି ରହିବ, ଟ୍ରାଫିକ୍ ଶୃଙ୍ଖଳା ଓ ଆଇନ୍ ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ ନିଆଯିବ।

● ରାସ୍ତା ଉପରେ ଉପୁଡ଼ି ପଡ଼ିଲା ଶାଳ ଗଛ

# ବୁଦା ପୂଜା ପରେ ହଟିବ ଗଛ: ଗ୍ରାମବାସୀ



ତୁରୁମୁଙ୍ଗା, ୮।୫(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ-ତୁରୁମୁଙ୍ଗା ମୁଖ୍ୟରାସ୍ତାର ନେଉଳପଶି ନିକଟରେ ଶୁକ୍ରବାର ସକାଳୁ ଏକ ବିରାଟ ଶାଳ ଗଛ ରାସ୍ତା ଉପରେ ଉପଡ଼ି ପଡ଼ିଥିବାରୁ ଉଭୟ ପାର୍ଶ୍ୱରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ଏହି ଗଛକୁ ସ୍ଥାନୀୟ ଲୋକେ ଠାକୁରାଣୀ ଶାଳର ଗଛ ବୋଲି ମାନ୍ୟତା ଦେଇଥିବାରୁ ପୂଜାପାଠ ପୂର୍ବରୁ ଗଛ କାଟିହେବ ନାହିଁ କହିଛନ୍ତି। ଫଳରେ ରାସ୍ତାରୁ ଗଛ ହଟାଯାଇ ପାରିନାହିଁ। ଛୋଟ ବଡ଼ ଗାଡ଼ି ରାସ୍ତାରେ ଯାଇ ନ ପାରି ଗାଁ ରାସ୍ତା ଦେଇ ଯିବାଆସିବା କରୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଏହା ଏକ ଠାକୁରାଣୀ ଶାଳ ଗଛ। ଗଛ ପଡିବା ପୂର୍ବରୁ ଦେହୁରୀ ଖାଇ ଦେଇଥିବାରୁ ଗଛ କଟା ହୋଇ ନଥିବା ବେଳେ ବୁଦା ଯୋଗାଡ଼ ପାଇଁ ଏବେ ବିଭାଗୀୟ ଅଧିକାରୀ ନାକେଦମ ହୋଇ ପଡିଛନ୍ତି। ତେବେ, ଶୀଘ୍ର ରାସ୍ତା ସଫା କରି ଯାତାୟାତ ସ୍ୱାଭାବିକ କରିବାକୁ ଦାବି ହେଉଛି।

# ବସ୍‌ଷ୍ଟପ୍ ପାଇଁ ପଥ ପରିଷ୍କାର; କୋର୍ଟ ସମ୍ମୁଖରୁ ହଟିଲା ଜବରଦଖଲ

କେନ୍ଦୁଝର, ୮।୫(ସମିସ):



କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ କୋର୍ଟ ସମ୍ମୁଖ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ଜମିରେ ବସଷ୍ଟପ ନିର୍ମାଣ ହେବ ବୋଲି କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ କହିଛନ୍ତି। ଲାବଣ୍ୟଛକରେ ବସଷ୍ଟପ ଥିବାରୁ ରାସ୍ତା ଜାମ୍ ହେଉଛି। ଏହାକୁ ଦୃଷ୍ଟିରେ ରଖି ଉଚ୍ଛେଦ ଜମିରେ ବସଷ୍ଟପ ନିର୍ମାଣ କରାଯିବ। ଉଚ୍ଛେଦ ପୂର୍ବରୁ ଜବରଦଖଲକାରୀଙ୍କୁ ନୋଟିସ ଦିଆଯାଇଥିଲା।

କେନ୍ଦୁଝର ସହରର ଜଗନ୍ନାଥପୁର ମୌଜାରେ ୧ ଏକର ୨୧ ଡିସିମିଲ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏହି ଜମି ଉପରେ କେତେ ଜଣ ଘର କରିବା ସହ ଭଡ଼ା ଦେଇ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଆୟ କରୁଥିଲେ। କଟକ, ଭୁବନେଶ୍ୱର, ଯାଜପୁର, ଭଦ୍ରକ ଯାଉଥିବା ବସଗୁଡ଼ିକ ସ୍ଥାନ ଅଭାବରୁ ଲାବଣ୍ୟଛକଠାରେ ଛିଡ଼ା ହୋଇ ରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ଜବରଦଖଲ ଯୋଗୁଁ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ରାଜସ୍ୱ ବିଭାଗ ଏବଂ କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ନିୟମିତ ବ୍ୟବଧାନରେ ଉଚ୍ଛେଦ କାର୍ଯ୍ୟ କରାଯାଉଛି ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ନାୟକ ପ୍ରକାଶ କରିଛନ୍ତି। କାଶିପୁର ଅଞ୍ଚଳର ଜଣେ ଲୋକ ସରକାରୀ ଜାଗାକୁ ନିଜ ଜାଗା ବୋଲି କହି କେତେକ ଛୋଟ ଛୋଟ ବ୍ୟବସାୟୀଙ୍କୁ ଭଡା ସୂତ୍ରରେ ଦେଇ ମାସିକ ଭଡ଼ା ନେଉଥିଲେ। ସେମାନେ ଉକ୍ତ ସ୍ଥାନରେ ଟଙ୍କା ଖର୍ଚ୍ଚ କରି ଦୋକାନ ଘର ନିର୍ମାଣ କରି ବ୍ୟବସାୟ କରି ଆସୁଥିଲେ। ସେହିପରି ସରକାରୀ ଜମିରେ ସ୍ଥାୟୀ ଘର କରି ବର୍ଷ ବର୍ଷ ଧରି ବ୍ୟବସାୟ କରିଆସୁଥିବା ବ୍ୟବସାୟୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବା ସହ ଜରିମାନା ଆଦାୟ କରିବାକୁ ଦାବି ହୋଇଛି। ଉଚ୍ଛେଦ ବେଳେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝୀ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ ନାୟକଙ୍କ ସମେତ କେନ୍ଦୁଝର ସଦର ତହସିଲ, କେନ୍ଦୁଝରଗଡ ପୌରପାଳିକାର ଓ ପୁଲିସ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। କେନ୍ଦୁଝରଗଡ଼ ପୌରାଞ୍ଚଳରେ ବିଭିନ୍ନ ସରକାରୀ ଅଫିସ ଏବଂ କ୍ୱାର୍ଟର ପାଇଁ ଜାଗା ଅଭାବ ଥିବାବେଳେ ଜବରଦଖଲକାରୀମାନେ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମାଡି ବସି ଘର କରୁଛନ୍ତି। ଫଳରେ ସରକାରୀ ଅଫିସ ପାଇଁ କେନ୍ଦୁଝର ସହରରେ ଜମି ମିଳୁନାହିଁ। କେନ୍ଦୁଝରଗଡ ପୌରାଞ୍ଚଳରେ ମୂଲ୍ୟବାନ ଜମି ଉପରେ ବହୁ ଲୋକ ଦୋକାନ ଘର ଏବଂ ଘର କରୁଥିଲେ ମଧ୍ୟ ତହସିଲ ପକ୍ଷରୁ ଚିହ୍ନଟ କରାଯାଇ ଉଚ୍ଛେଦ ହେଉ ନଥିବାରୁ ଜବରଦଖଲକାରୀଙ୍କ ସଂଖ୍ୟା ବଢୁଛି। ଲାବଣ୍ୟଛକ ଛକଠାରୁ ମାଇନିଂ ରୋଡ ରାସ୍ତା ପାଶ୍ୱର୍‌ରେ ସରକାରୀ ଜମି ଉପରେ ଘର କରି ଭଡ଼ାରେ ଦିଆଯାଇଛି। ଭଡ଼ା ଦେଇଥିବା ଲୋକ ଏ ବାବଦକୁ ମାସକୁ ହଜାର ହଜାର ଟଙ୍କା ଆୟ କରୁଛନ୍ତି। ପୌରପାଳିକା ପକ୍ଷରୁ ୨୦୨୩ ଏପ୍ରିଲରେ ୧୨୦ ଜଣଙ୍କୁ ନୋଟିସ କରାଯାଇଥିଲେ ମଧ୍ୟ ଜବରଦଖଲ ଉଚ୍ଛେଦ କରାଯାଇନାହିଁ। କେନ୍ଦୁଝର ସହର ଆଖପାଖ ଅଞ୍ଚଳରେ ସରକାରୀ ଜମିରେ ଜବରଦଖଲ ଦିନକୁ ଦିନ ବୃଦ୍ଧି ପାଉଛି। ରାଜସ୍ୱ ବିଭାଗର କର୍ମଚାରୀ ଏ ସବୁ ଜାଣି ନିରବ ରହୁଥିବାରୁ ଜବରଦଖଲକାରୀଙ୍କୁ ପ୍ରୋତ୍ସାହନ ମିଳୁଛି। ସଦର ତହସିଲ ପକ୍ଷରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଉ ନଥିବାରୁ ମୂଲ୍ୟବାନ ସରକାରୀ ଜମି ସଙ୍କୁଚିତ ହେବାରେ ଲାଗିଛି। କେନ୍ଦୁଝର ସହରରେ ବହୁ ମୂଲ୍ୟବାନ ଜମି ଜବରଦଖଲ ହୋଇ ରହିଥିବାରୁ ପ୍ରାଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

● ଅର୍ଥାଭାବରୁ ଏକମାତ୍ର ପୁଅର ଜୀବନ ଗଲା

# ଅସହାୟ ହେଲେ ୫ ପ୍ରାଣୀକୁଟୁମ୍ବ

ଆନନ୍ଦପୁର, ୮।୫ (ସମିସ): କିଡନୀ ରୋଗରେ ଆକ୍ରାନ୍ତ ହୋଇ ଅର୍ଥ ଅଭାବରୁ ଉପଯୁକ୍ତ ଚିକିତ୍ସା ହୋଇ ନପାରି ଏକମାତ୍ର ପୁଅର ଜୀବନ ଚାଲିଗଲା। ବେସାହାରା ପରିବାର ବର୍ଗଙ୍କ କୋହଭରା କଥା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି। ସହାୟତା ପାଇଁ ତାଙ୍କ ବାପା କରିଥିବା ଆକୁଳ ନିବେଦନ ଅଟକି ରହିଯାଇଛି। ଆନନ୍ଦପୁର ବ୍ଲକ ମୋଚିନ୍ଦା ଗ୍ରାମର ପବନା ସାହୁଙ୍କ ଏକମାତ୍ର ପୁତ୍ର ତ୍ରିଲୋଚନ ସାହୁ (୪୨)। ଦୁଇମାସ ହେବ କିଡନୀ ରୋଗରେ ପୀଡ଼ିତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ଗତ ବିଳମ୍ବିତ ରାତ୍ରିରେ ତାଙ୍କର ମୃତ୍ୟୁ ଘଟିଛି। ଏଥିପାଇଁ ତାଙ୍କ ପରିବାରର ପିତା, ପତ୍ନୀ ଓ ଦୁଇ ସନ୍ତାନ ପୁଅ ଝିଅ ଦୁଃଖରେ ଭାଙ୍ଗି ପଡିଛନ୍ତି। ତ୍ରିଲୋଚନ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ସେ ଗ୍ରାମରେ କ୍ଷୁଦ୍ର ଜଳଖିଆ ଦୋକାନ କରି ପରିବାର ଚଳେଇଆସୁଥିଲେ। ଦେହ ଅସୁସ୍ଥ ହେବା ପରେ କଟକ, କେନ୍ଦୁଝର, ଆନନ୍ଦପୁର ଆଦି ମେଡିକାଲରେ ରକ୍ତ ପରୀକ୍ଷା, ଡାୟାଲିସିସ୍, ଔଷଧ ଓ ଯାତାୟାତ ଆଦି ଖର୍ଚ୍ଚକରି ପତ୍ନୀ ଶୋଶିଳା ଋଣଗ୍ରସ୍ତ ଅବସ୍ଥାରେ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି। ଅଦ୍ୟାବଧି ମୃତ ତ୍ରିଲୋଚନଙ୍କ ପରିବାର ପ୍ରତି କୌଣସି ଲୋକପ୍ରତିନିଧି କିମ୍ବା ବ୍ୟକ୍ତିବିଶେଷରେ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାଯାଇନାହିଁ। ଡାକ୍ତର କହିବା ମୁତାବକ ତାଙ୍କର ଦୁଇଟି ଯାକ କିଡନୀ ୮୫ ପ୍ରତିଶତ ନଷ୍ଟ ଯାଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ପରିବାର ହତାଶ ହୋଇପଡ଼ିଥିବା ବେଳେ ସମଗ୍ର ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।



